ALOCHANA
ସମାଲୋଚନା
ନୂ ଆ ଫ ର୍ଦ୍ଦ
ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା | ଜାନୁୟାରୀ-ଫେବୃୟାରୀ ୨୦୨୫
Volume No. 03 | Issue No. 01 | Jan- Feb 2025
Refereed Peer-Reviewed Journal
DOI: 10.70541/BAGEESHA/NF2025030101

# ଶୈଳୀ, ଶୈଳୀବିଜ୍ଞାନ ଓ ଶୈଳୀ ବିଶ୍ଳେଷଣ

**ଡ. ରବୀନ୍ଦ୍ର କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

**ମୂଳଶବ୍ଦ:** ଶୈଳୀ, ଶୈଳୀବିଜ୍ଞାନ, ଚୟନ, ଚୟନତତ୍ତ୍ୱ, ସମ୍ମୁଖୀକରଣ, ଶୈଳୀ ସମ୍ପର୍କିତ ମହାସମ୍ମିଳନୀ, ଶୈଳୀ ବିଶ୍ଳେଷଣ, ଶୈଳୀ ବିଶ୍ଳେଷଣର ବିଭିନ୍ନ ସ୍ତର, ପ୍ରାୟୋଗିକ ଭାଷାବିଜ୍ଞାନ

ABSTRACT

**ସାରାଂଶ:** ଏହି ପ୍ରବନ୍ଧରେ ଶୈଳୀ, ଶୈଳୀବିଜ୍ଞାନ ଓ ଶୈଳୀବିଶ୍ଳେଷଣର ବିଭିନ୍ନ ଦିଗ ସମ୍ପର୍କରେ ସଦୃଷ୍ଟାନ୍ତ ଚର୍ଚ୍ଚା କରାଯାଇଛି । ଶୈଳୀବିଜ୍ଞାନ କିପରି ଆଧୁନିକ ଭାଷାବିଜ୍ଞାନ ଅନ୍ତର୍ଗତ ପ୍ରାୟୋଗିକ ଭାଷାବିଜ୍ଞାନର ଏକ ଶାଖା ତାହାକୁ ସ୍ପଷ୍ଟ ରୂପେ ଅବଗତ କରାଇଦିଆଯାଇଛି । ତା ସହିତ ଶୈଳୀ ଓ ଶୈଳୀବିଜ୍ଞାନର ସଦ୍ୟତମ ସ୍ୱରୂପ ଓ ପରିସର ସମ୍ପର୍କରେ ପ୍ରାଞ୍ଜଳ ଭାବେ ସୂଚନା ପ୍ରଦାନ କରାଯାଇଛି । ଓଡ଼ିଆ, ହିନ୍ଦୀ ପ୍ରଭୃତି ସାହିତ୍ୟରେ ଶୈଳୀକୁ ଯେଉଁ ସମାଲୋଚକମାନେ ରୀତି ବୋଲି କହିଛନ୍ତି, ତାହା ପ୍ରକୃତରେ କିପରି ସେୟା ନୁହେଁ, ସେ କଥା ଆଲୋଚନା କରାଯାଇଛି ।

**ଶୈଳୀମୂଳକ ସମ୍ମୁଖୀକରଣ – ୧** : ଡାକବଙ୍ଗଳା ପାଚେରି-କାନ୍ଥ ପାଖର ବିଜୁଳିବତୀ ବୋଧହୁଏ ସେତେବେଳେ ଲିଭି ଯାଇଥାଏ। ଗଛପତ୍ରର ଅନ୍ଧାର ସାଙ୍ଗକୁ ପୃଥିବୀଯାକର କିଟିମିଟିଆ ଅନ୍ଧାର (୧) ଭିତରେ ତାର ଅନ୍ଧାରୁଆ (୨) ଦେହଟା ଆଡ଼କୁ ଆଉ ଗୋଟାଏ ବହଳିଆ ଅନ୍ଧାରଖଣ୍ଡ (୩) ଯିମିତି ଘୁଞ୍ଚିଘୁଞ୍ଚି ଆସି ଜାବୁଡ଼ି ଧରିଲା। ଅନ୍ଧାରଟା (୪) ବି ଏତେ ଉଷୁମ, ଏତେ ଆରାମଦାୟକ। ସେହି ଅନ୍ଧାର (୫) ପାଖରେ ନିଜକୁ ସମର୍ପଣ କରିଦେଲା, ମିଶାଇ ଦେଲା ଅନ୍ଧୁଣୀ। ସେଇ ଗୋଟିକ ଦିନ ସେ ଜୀବନର ଆଲୋକ ଦେଖିଥିଲା ଅନ୍ଧାର (୬) ଭିତରେ। ଆଲୋକ ଅନ୍ଧାରର (୭) ଏଇ ଯୁଗପତ୍ ଉପଲବ୍ଧି ଭିତରେ ସେ କେତେ ସମୟ ବୁଡ଼ି ରହିଲା ଜାଣେନି। ଦେବଦାରୁ ଗଛଟାରୁ ଗୁଡ଼ାଏ ଫଳ ଓ ଝଙ୍କା ବରଗଛରୁ ଗୁଡ଼ାଏ ପାଣିଟୋପା ଝଡ଼ଝଡ଼ ହୋଇ ପଡ଼ିଗଲାରୁ ତାର ଚେତା ଆସିଲା ।(ଏଣ୍ଟି ରୋମାଣ୍ଟିକ୍, ଗାଳ୍ପିକ – ବସନ୍ତ ଶତପଥୀ, ପ୍ରଥମ ସଂସ୍କରଣ, ଫେସ, ରାଉରକେଲା, ୨୦୦୦, ପୃ-୮୯ ।)

ପାଠାଂଶରେ ବ୍ୟବହୃତ ହୋଇଥିବା 'ଅନ୍ଧାର' ଶବ୍ଦଟି ବିବିଧ ଅର୍ଥକୁ ସୂଚିତ କରୁଛି। ଏଠାରେ ପ୍ରଥମ 'ଅନ୍ଧାର' ଶବ୍ଦଟି ଆକ୍ଷରିକ ଅର୍ଥକୁ ବୁଝାଉଛି। ଦ୍ୱିତୀୟ 'ଅନ୍ଧାରୁଆ' ଅର୍ଥାତ୍ 'ଅନ୍ଧାର+ଉଆ' ଶବ୍ଦଟି ଅନ୍ଧୁଣୀର ଶରୀରକୁ କୁହାଯାଉଛି। ତୃତୀୟ 'ଅନ୍ଧାର'(ଖଣ୍ଡ) ଶବ୍ଦଟି ହେଉଛି ହାତଗୋଡ଼ ନ ଥିବା ଜଣେ ପଙ୍ଗୁମଣିଷର ଶରୀର। ଚତୁର୍ଥ 'ଅନ୍ଧାର' ଶବ୍ଦର ଅର୍ଥ ହେଉଛି ଦୈହିକ ମିଳନ ପାଇଁ ଆତୁର ଏବଂ ଉତ୍ତେଜିତ ହୋଇ ଉଠିଥିବା ପଙ୍ଗୁ ବ୍ୟକ୍ତିର କାମପ୍ରବଣ ଉଦ୍ଦାମତା। ପଞ୍ଚମ 'ଅନ୍ଧାର' ହେଉଛି ଦୈହିକ ଯୌନକ୍ରୀଡ଼ା ପାଇଁ ଆହ୍ୱାନ ଦେଉଥିବା ପଙ୍ଗୁର ଅସ୍ତିତ୍ୱ ଏବଂ ସେଇ ଅସ୍ତିତ୍ୱ ପ୍ରତି ସମଭାବାପନ୍ନ ହୋଇଉଠୁଥିବା ଅନ୍ଧୁଣୀର ସମର୍ପଣ। ଯାହାକୁ ଜଗତ ଅନ୍ଧାର ବୋଲି କୁହେ ତାହା ଅନ୍ଧୁଣୀ ପାଇଁ କିପରି ଆଲୋକଠାରୁ ବି ମହତ୍ତର, ସେ କଥା ଉତ୍କୀର୍ଣ୍ଣ ହୋଇଛି ଷଷ୍ଠ 'ଅନ୍ଧାର' ଶବ୍ଦରେ। ସପ୍ତମ 'ଅନ୍ଧାର'ର ଅର୍ଥ ହେଉଛି ଏକ ଦୁଃସାହସିକପୂର୍ଣ୍ଣ ଆଲୋକର ସୂତ୍ରଧର। ସେଇ ଆଲୋକର ତଲ୍ଲୀନତାରେ ଅନ୍ଧୁଣୀ ମିଳନର ରାସ ରଚିଛି। ଏଠାରେ ଗାଳ୍ପିକ ବସନ୍ତ କୁମାର ଶତପଥୀ ଯାହା କହିବା କଥା ତାକୁ ସିଧା ସିଧା ନ କହି ଆଭିପ୍ରାୟିକତା ଭିତ୍ତିରେ ଉପସ୍ଥାପନ କରିଛନ୍ତି। ସିଧା ସିଧା କହିବା ଦ୍ୱାରା ତାହାର ଫଳାଫଳ ଯାହା ହୋଇଥାନ୍ତା ତାହାଠାରୁ ଯଥେଷ୍ଟ ଅଧିକ ହୋଇଛି ଏଇଭଳି କହିବା ଦ୍ୱାରା। ଏଥିରେ 'ଅନ୍ଧାର' ଶବ୍ଦଟି ନବୀନ ଏବଂ ଅପ୍ରତ୍ୟାଶିତ ଭାବବିନ୍ୟାସରେ ମଣ୍ଡିତ ହୋଇଛି। ଫଳତଃ ଉଭୟ ଶବ୍ଦ ଏବଂ ଅର୍ଥ ସ୍ତରରେ ଚମତ୍କାରିତା ସଂପାଦିତ।

**ଶୈଳୀମୂଳକ ସମ୍ମୁଖୀକରଣ – ୨:** ପାପକୁ ପଚାରିଲି, କାହିଁକି ସଭିଙ୍କ ପାଖରେ ରହିବାକୁ ତୋର ଏତେ ଆଗ୍ରହ ? ସେ ବିରୋଧ କଲା। କହିଲା, ମୁଁ ଯାଏ ନାଇଁ କାହା ପାଖକୁ ଆପେ ଆପେ। ଲୋକଙ୍କ ଆଗ୍ରହ ମୋତେ ଟାଣିନିଏ ତାଙ୍କ ପାଖକୁ। ଯେଉଁଠି ଆଗ୍ରହ ଥାଏ, ସେଇଠି ମୁଁ ରହେ।

ପୁଣ୍ୟକୁ ପଚାରିଲି, କାହିଁକି ତୁ ରହୁନା ସଭିଙ୍କ ପାଖରେ? କହିଲା, ମୋ ପାଇଁ କାହିଁ ଲୋକଙ୍କର ଆଗ୍ରହ ? ଆଉ ଆଗ୍ରହ ନ ଥିଲେ, ମୁଁ ନିଜକୁ ଅବହେଳିତ ମନେ କରିବି ନାଇଁ ? ଯେଉଁଠି ଆଗ୍ରହ ଥାଏ, ସେଇଠି ମୁଁ ରହେ। (ପାପପୁଣ୍ୟ, କଇଳାଶ ପଟ୍ଟନାୟକ, ସତ ଏକଶତ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ପ୍ରଥମ ସଂସ୍କରଣ - ୨୦୦୪, ପୃ-୫୮)

ଛୋଟ ସାପର ବଡ଼ ବିଷ ଭଳି ଉପରୋକ୍ତ ଆଭାସ ଗଳ୍ପଟିରେ କେବଳ ଆଭାସ ମାଧ୍ୟମରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ବକ୍ତବ୍ୟଟିଏ ପ୍ରତିଫଳିତ କରାଇଛନ୍ତି ଗାଳ୍ପିକ କଇଳାଶ ପଟ୍ଟନାୟକ। ପାପ ଏବଂ ପୁଣ୍ୟର ନିଜସ୍ୱ ଶରୀର ନାହିଁ। ସେମାନେ ସୂକ୍ଷ୍ମ ସତ୍ତା ଧାରଣ କରି ଘୂରିବୁଲୁଥାନ୍ତି ଏବଂ ଖୋଜି ବୁଲୁଥାନ୍ତି ସେମାନଙ୍କର ମନପସନ୍ଦର ଭକତବନ୍ଧୁମାନଙ୍କୁ। ଏଠାରେ ଭକତବନ୍ଧୁ ବୋଲି ମଣିଷକୁ କୁହାଯାଉଛି। ମଣିଷର ଶରୀର ଅଛି। ସ୍ଥୂଳ ଶରୀର। ଅଶରୀରୀ ପାପ ଏବଂ ପୁଣ୍ୟ ଚେତନା ଶରୀରଧାରୀ ମଣିଷ ଦେଇ ମଣିଷ ଭିତରକୁ ପ୍ରବେଶ କରନ୍ତି। ଯାହାକୁ ମଣିଷ ପାପ କାର୍ଯ୍ୟ ବୋଲି ବିବେଚନା କରେ ସେହିଭଳି କାର୍ଯ୍ୟକରିବା ପାଇଁ ସେମାନେ ମଣିଷକୁ ପ୍ରରୋଚିତ କରନ୍ତି। ଚେତନା ଅଧୋପତିତ ହୁଏ। ମଣିଷ ଭିତରେ ରାବଣ, କଂସ ବାସବିହାର କରନ୍ତି। ଜଗତ ଘୋର ଦୁର୍ଦ୍ଦିନର ଶିକାର ହୁଏ। ସେହିପରି ଯେତେବେଳେ ପୁଣ୍ୟ ପାଇଁ ମଣିଷ ଆସ୍ପୃହାଶୀଳ ହୁଏ, ସେତେବେଳେ ପୁଣ୍ୟ ଅର୍ଜନ ଏକ କଠିନ କାର୍ଯ୍ୟ ଭଳି ବୋଧ ହେଉଥିଲେ ମଧ୍ୟ ମଣିଷ ଅଜସ୍ର ପୁଣ୍ୟ ଅର୍ଜନ କରିପାରେ। ଚଣ୍ଡାଶୋକ ଧର୍ମାଶୋକ ହୁଏ। ଚେତନାରେ ଉତ୍ତରଣ ଆସେ। ଜଗତରେ ସୁଖଶାନ୍ତି ବିରାଜେ। ତେବେ ମଣିଷ ଆଗ୍ରହ ପ୍ରକାଶ କଲେ ଏବଂ ସେ ଦୁଇଙ୍କ ସାଙ୍ଗରେ ଯୁକ୍ତହେବାପାଇଁ ଚାହିଁଲେ ଏ ଦୁହେଁ ମଣିଷ ସହିତ ଦ୍ରବୀଭୂତ ହୋଇ ଅପକାର ନ ହେଲେ ଉପକାର ସାଧନ କରନ୍ତି। ଏଭଳି ବକ୍ତବ୍ୟରେ ଶୈଳୀକୀୟ ସାଭିପ୍ରାୟିକତା ଲକ୍ଷ୍ୟ କରାଯାଏ। ଏହାକୁ ବାକ୍ୟସ୍ତରୀୟ ଶୈଳୀ ବୋଲି କୁହାଯାଏ ।

**ଶୈଳୀମୂଳକ ସମ୍ମୁଖୀକରଣ – ୩:** ମା' ତାଙ୍କ ଝିଅକୁ ଶିଖାଇଥିଲେ/କଥା କହିବୁ ନାହିଁ /ଅଚିହ୍ନା ଲୋକ ସହିତ,/କିଛି ବି ନେବୁ ନାହିଁ/ଅଚିହ୍ନା ଲୋକ ହାତରୁ,/ଡାକିଲେ ଯିବୁ ନାହିଁ ଅଚିହ୍ନା ଲୋକଙ୍କ ଗାଡ଼ିରେ। /ଧର୍ଷିତା ସେଇ ଝିଅ / ଅତଳ ଯନ୍ତ୍ରଣାରେ / ମୃତ୍ୟୁ ପୂର୍ବରୁ କହୁଥିଲା :/ ତୋ କଥା ମାନି ଥି ଲି ମା,/ ମୋତେ କିନ୍ତୁ ଏଭଳି କରିଛନ୍ତି କେବଳ ଚିହ୍ନାଲୋକମାନେ। (ଚିହ୍ନା ଅଚିହ୍ନା, କବି – ବ୍ରହ୍ମାନନ୍ଦ ଦାସ, ଜଣେ ପଦାତିକର କବିତା, ବହିଘର, ବାଲେଶ୍ୱର, ପ୍ରଥମ ପ୍ରକାଶ – ୧୯୯୮, ପୃ-୨୬ ।)

ବ୍ରହ୍ମାନନ୍ଦ ଦାସଙ୍କର କବିତାଟିରେ ପ୍ରଥମେ ଯେଉଁ ବିଷୟମୂଳକ ବାକ୍ୟାଂଶ (ଅଚିହ୍ନା ଲୋକ)ଟିକୁ ବାରମ୍ବାର ପ୍ରୟୋଗ କରାଯାଇ ବିଶେଷ କିଛି ସୂଚନା ଦେବା ପାଇଁ ଚେଷ୍ଟା କରାଯାଇଛି, ତାହା କବିତାର ଶେଷ ଭାଗରେ ସମ୍ପୂର୍ଣ ଭୁଷୁଡ଼ିପଡ଼ିଛି। ଯେତେବେଳେ 'ଚିହ୍ନା ଲୋକ' ସୂଚନାମୂଳକ ବାକ୍ୟାଂଶଟି ନିଜର ଚିରାଚରିତ ଅର୍ଥକୁ ହରାଇ ବସିଛି, ସେତେବେଳେ ବିଷୟମୂଳକ ଶବ୍ଦଟି ଗୌଣ ହୋଇଉଠିଛି। ତଦ୍ୱାରା ଗତାନୁଗତିକ ଧାରାବାହିକତାଠାରୁ ବିଚ୍ୟୁତ ହୋଇ ଚିହ୍ନାଲୋକ ପ୍ରତି ମାଆର ଏବଂ ମାଆ ବାସ କରୁଥିବା ସମାଜର ଆସ୍ଥା, ବିଶ୍ୱାସ ତୁଟିଯାଇଛି। ଶୈଳୀ ପ୍ରୟୋଗରେ ସାଭିପ୍ରାୟିକତା ବା ଉଦ୍ଦେଶ୍ୟମୂଳକତା ପ୍ରଦର୍ଶିତ ହେଲେ ଏଇ ଧରଣର ବିଚିତ୍ରତା ସୃଷ୍ଟି ହୋଇଥାଏ।

ଏହି ବିଚିତ୍ରତା ପ୍ରଦର୍ଶନ ମୂଳରେ ଲେଖକୀୟ ସାଭିପ୍ରାୟିକତା ନିହିତ। ଲେଖକ କୌଣସି ଏକ ବିଶେଷ ଉଦ୍ଦେଶ୍ୟ ରଖି ଏଇ ଧରଣର ସାଭିପ୍ରାୟିକତାକୁ ନିଜସ୍ୱ ରଚନାରେ ସମ୍ମୁଖୀକୃତ କରାଇଥାନ୍ତି। ଏହାଦ୍ୱାରା ଧ୍ୱନି, ଶବ୍ଦ, ଅର୍ଥ ପ୍ରଭୃତି ସ୍ତରରେ ଚମତ୍କାରିତା, ସଜୀବତା, ଅପ୍ରତ୍ୟାଶିତତା, ନବୀନତା ପ୍ରଭୃତି ସୃଷ୍ଟି ହୋଇଥାଏ।

ରଚନାରେ ବୈଚିତ୍ର୍ୟ ସଂପାଦନା ପାଇଁ ଉପରାଲୋଚିତ ସାଭିପ୍ରାୟିକତାର ଆବଶ୍ୟକତା ଅତ୍ୟନ୍ତ ଅନିବାର୍ଯ୍ୟ ମନେହୁଏ। ଏହି ବୈଚିତ୍ର୍ୟପୂର୍ଣ ସାଭିପ୍ରାୟିକତାର ଅନ୍ୟ ନାମ ହେଉଛି ଶୈଳୀ। ଏହାକୁ କେହି କେହି ପ୍ରକାଶ ମାଧ୍ୟମର ଶୃଙ୍ଖଳିତ ନିର୍ଦ୍ଦିଷ୍ଟତା ବୋଲି ମଧ୍ୟ କହିଥାନ୍ତି। ଏହି ଶୃଙ୍ଖଳିତ ନିର୍ଦ୍ଦିଷ୍ଟତା ବ୍ୟତିରେକେ କୌଣସି କଳାକର୍ମ ଉଚ୍ଚକୋଟୀର ହୋଇପାରେ ନାହିଁ।

ଶୈଳୀର ପରିସର ଅତ୍ୟନ୍ତ ବ୍ୟାପକ। ଅସ୍ପଷ୍ଟ ମଧ୍ୟ। ଏପରିକି ଶୈଳୀର ଅସ୍ତିତ୍ୱ ଅଛି କି ନାହିଁ ଏ ସଂପର୍କରେ ମଧ୍ୟ ମତପାର୍ଥକ୍ୟ ରହିଛି। ତେବେ ଶୈଳୀ ଏବଂ ଏହାର ତାତ୍ତ୍ୱିକ ବୈବିଧ ଆଦୌ ଆଜିକାଲିର କଥା ନୁହେଁ। ଏହା ବେଶ୍ ଏକ ସମୃଦ୍ଧ ପ୍ରାଚୀନ ପରମ୍ପରାକୁ ବହନ କରି ସଂପ୍ରସାରିତ। ଶୈଳୀ ଏବଂ ଶୈଳୀବିଜ୍ଞାନ କହିଲେ 'କାହାକୁ ବୁଝିବା – କିପରି ବୁଝିବା – କାହିଁକି ବୁଝିବା' ଆଦିର ଅସମାହିତ ଅସ୍ପଷ୍ଟତାକୁ ଦୂର କରିବା ପାଇଁ ବହୁ ତର୍କବିତର୍କ, ବାଦାନୁବାଦ ମଧ୍ୟ ଉଭୟ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ସାହିତ୍ୟ ଜଗତରେ ଦେଖାଦେଇଛି ।

ଶୈଳୀର ପରିସର, ପ୍ରକୃତି, ତଜ୍ଜନିତ ସମସ୍ୟା ସଂପର୍କିତ ଅସ୍ପଷ୍ଟତାକୁ ଦୂର କରିବା ପାଇଁ ଯଥାକ୍ରମେ ୧୯୫୮ ମସିହାରେ ଆମେରିକାରେ ଏବଂ ୧୯୬୯ ମସିହାରେ ଇଟାଲୀରେ ଦୁଇଟି ଆନ୍ତର୍ଜାତୀୟ ସଂପାନର ଆୟୋଜନ କରାଯାଇଥିଲା। ଶୈଳୀ ଜିଜ୍ଞାସା କ୍ଷେତ୍ରରେ ଏ ଦୁଇଟି ସଂପାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ ମନେହୁଏ ।

୧୯୫୮ ମସିହାରେ ଆମେରିକାରେ 'ସୋସିଆଲ ସାଇନ୍ସ ରିସର୍ଚ୍ଚ କାଉନସିଲ' ଏବଂ 'ଇଣ୍ଡିଆନା ୟୁନିଭର୍ସିଟି'ର ମିଳିତ ଉଦ୍ୟମରେ ଶୈଳୀ ବିଷୟକ ପାଇଁ ଅନ୍ତର୍ରାଷ୍ଟ୍ରୀୟ ମହାସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଥିରେ ପୃଥିବୀ ପ୍ରସିଦ୍ଧ ଭାଷାତତ୍ତ୍ୱବିଦ୍, ମନୋବିଜ୍ଞାନୀ, ସାହିତ୍ୟ ସମାଲୋଚକ, ସାହିତ୍ୟ ତତ୍ତ୍ୱ ବିଶାରଦ, ଲୋକସାହିତ୍ୟ ତତ୍ତ୍ୱବିଦ୍, ଦାର୍ଶନିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ରେନେ ୱେଲେକ୍, ଆଇ.ଏସ୍. ରିଚାର୍ଡ୍ସ, ୱିଲିୟମ କେ, ୱିମ୍‌ସେଟ୍,

ମୁନରୋ ସି. ବର୍ଡ୍‌ସ୍ଲେ, ଜର୍ଜ ଏ. ମିଲର, ରୋଲା ୱେଲ୍‌ସ, ରିଚାର୍ଡ୍ ଏମ୍. ଡୋରସମ୍, ସି.ଇ. ଆସଗୁଡ୍, ଆର୍କିବାଲ୍ଡ ଏ. ହିଲ ଏବଂ ରୋମାନ୍ ଯାକବସନ୍ ପ୍ରମୁଖ ମହାପଣ୍ଡିତ ଏହି ମହାସମ୍ମିଳନୀରେ ଅଂଶଗ୍ରହଣ କରି ଶୈଳୀ ସଂପର୍କିତ ବିବିଧ ସମସ୍ୟା ଉପରେ ଆଲୋଚନା କରିଥିଲେ। ଭାଷିକଶୈଳୀର ଅଭିଲକ୍ଷଣ (features) ଏବଂ ବୈଶିଷ୍ଟ୍ୟ କ୍ଷେତ୍ରରେ ଏକ ସର୍ବଜନୀନ (universal) ମାନଦଣ୍ଡ ନିରୂପଣ କରିବା ହିଁ ଥିଲା ଏହି ଆଲୋଚନାଚକ୍ରର ମୂଳ ଉଦ୍ଦେଶ୍ୟ। ଶୈଳୀର ଅଙ୍ଗୀଭୂତ ତତ୍ତ୍ୱ ଏବଂ ସାହିତ୍ୟ ବିଷୟରେ ଏକ ସୁସ୍ପଷ୍ଟ ଧାରଣା ପ୍ରାପ୍ତ କରିବା ପାଇଁ ଏହି ସମ୍ମିଳନୀରେ ପ୍ରୟାସ କରାଯାଇଥିଲା। ଯଦି ସାହିତ୍ୟ ହେଉଛି ଏକ ମାନବୀୟ ବ୍ୟାବହାରିକ ପକ୍ଷ, ତେବେ ଏହାପାଇଁ ଏମିତି କୌଣସି ରାସ୍ତା ଅଛି କି, ଯେଉଁଥିରେ ସବୁବର୍ଗର ମାନବପ୍ରସୂତ ସାହିତ୍ୟ ଏବଂ ମାନବୀୟ ସଂସ୍କୃତିକୁ ଶୈଳୀ ଦୃଷ୍ଟିରୁ କେବଳ ଗୋଟିଏ ମାନଦଣ୍ଡରେ ବିଚାର କରିହେବ? ଯାହାଦ୍ୱାରା ବିଭିନ୍ନ ବର୍ଗର ବୈଚାରିକ ମିଳନ-ବିନ୍ଦୁ କେବଳ ଗୋଟିଏ (ମାନଦଣ୍ଡ)ପାରାମିଟର ଦ୍ୱାରା ନିରୂପିତ ହୋଇପାରିବ? ଏହିଭଳି ବିଭିନ୍ନ ସମସ୍ୟା, ବିଭିନ୍ନ ଉଦ୍ଦେଶ୍ୟ, ବିଭିନ୍ନ ଲକ୍ଷ୍ୟକୁ ଆଖି ଆଗରେ ରଖି ସେସବୁର ଯଥୋଚିତ ସମାଧାନ ପାଇଁ ଏହି ସମାବେଶରେ ପ୍ରଚେଷ୍ଟା କରାଯାଇଥିଲା।

ଦ୍ୱିତୀୟ ଶୈଳୀ ସଂପର୍କିତ ମହାସଂପାନ ରକ୍ ଫେଲର ଫାଉଣ୍ଡେସନ୍ ଦ୍ୱାରା ୧୯୬୯ ମସିହା ଅଗଷ୍ଟ ମାସରେ ଇଟାଲୀରେ ଆୟୋଜିତ ହୋଇଥିଲା। ଶୈଳୀ ସଂପର୍କିତ ଏହି ଆଲୋଚନା ଚକ୍ରରେ ବାର୍ଥସ୍, ମାଇଲ୍‌ସ, ୱେଲେକ୍, ମିଲିକ୍, ଡୋଲ୍‌ଜେଲ, ଉଲ୍‌ମାନ, ଲେବିନ୍, ଓହମାନ୍ ପ୍ରମୁଖ ଯୋଗ ଦେଇ ଶୈଳୀର ପରିଭାଷା, ସୌନ୍ଦର୍ଯ୍ୟ ଶାସ୍ତ୍ର, ଭାଷାବିଜ୍ଞାନ, କଥନିକା (Discourse) ସ୍ତରୀୟ ବିଶ୍ଳେଷଣ, ମନୋବିଜ୍ଞାନ, ଭାଷାଶାସ୍ତ୍ର (Philology), ଅର୍ଥବିଜ୍ଞାନ, ଧ୍ୱନିଶାସ୍ତ୍ର, ବାକ୍ୟରଚନା, ଏଲୋକ୍ୟୁସନାରୀ ସ୍ପିଚ୍ ଆକ୍ଟ ପ୍ରଭୃତି ଉପରେ ଆଲୋକପାତପୂର୍ବକ ବିଚାର ବିଶ୍ଳେଷଣ କରିଥିଲେ ।

ଦୁଇ ଦୁଇଟି ମହତ୍ତ୍ୱପୂର୍ଣ୍ଣ ସଂପାନରେ ଘମାଘୋଟ ତର୍କବିତର୍କ ହେଲା। ଆଲୋଚନା ପର୍ଯ୍ୟାଲୋଚନା ହେଲା। ସାତଖଣ୍ଡ ରାମାୟଣ ସରିଲା, କିନ୍ତୁ ସୀତା ମାଇ କି ଅଣ୍ଡିରା ସ୍ଥିରୀକୃତ ହୋଇପାରିଲା ନାହିଁ। ସବୁସତ୍ତ୍ୱେ ବି ଶୈଳୀ ସଂପର୍କିତ କୌଣସି ସ୍ପଷ୍ଟତା ବା ସମାଧାନ ସମ୍ମୁଖୀକୃତ ହୋଇପାରିଲା ନାହିଁ। ରେନେ ୱେଲେକ୍ ତାଙ୍କ ଉପସଂହାର ବକ୍ତବ୍ୟରେ ବହୁ କଥା କହିଲେ ଏବଂ ଶେଷରେ ଯାହା କହିଲେ ତାହା ଏହିଭଳି– "ମୋ ମତରେ କୌଣସି ଗୋଟିଏ ଶୈଳୀପରକ କୌଶଳକୁ ଅନିବାର୍ଯ୍ୟ ଭାବରେ ସ୍ୱୀକାର କରିହେବ ନାହିଁ। କାରଣ ଏହା ନିଜ ପ୍ରାସଙ୍ଗିକତାର ବିଶେଷତ୍ୱ ସହିତ ତାଳ ଦେଇ ପରିବର୍ତ୍ତିତ ହୋଇଚାଲିଥାଏ। ଯେଉଁଠି ଭାଷାବୈଜ୍ଞାନିକ ବିଶ୍ଳେଷଣ ସମାପ୍ତ ହୁଏ, ସେଇଠି ସାହିତ୍ୟିକ ବିଶ୍ଳେଷଣ ଆରମ୍ଭ ହୁଏ।" (ରେନେ ୱେଲେକ୍, ଉପସଂହାର ବକ୍ତବ୍ୟ, ଷ୍ଟାଇଲ୍ ଇନ୍ ଲାଙ୍ଗୁଏଜ୍, ସଂପାଦନା – ଟି.ଏ. ସିବିୟୋକ୍, ନିଉୟର୍କ, ୧୯୬୦, ପୃ-୪୧୭)

ତେବେ ଏଠାରେ ପ୍ରଶ୍ନ ଉଠୁଛି – ଶୈଳୀଶାସ୍ତ୍ରୀୟ (stylological) ପକ୍ଷ, ଶୈଳୀବୈଜ୍ଞାନିକ (stylistics) ପକ୍ଷ ଏବଂ ଶୈଳୀମାପକ୍ରମିକ ( stylometrics) ପକ୍ଷ କ'ଣ ଗୋଟିଏ ନା ଭିନ୍ନ ଭିନ୍ନ?

ଏ ସଂପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁକୁ ଏଠାରେ ଭୁକ୍ତ କରାଯାଉ ।

ବିନ୍ଦୁ-୧: ପ୍ରାଚୀନ ରୀତି ବା ଶାସ୍ତ୍ରୀୟ (classical) ଶୈଳୀ କହିଲେ, ଯାହା ତତ୍କାଳୀନ କାବ୍ୟକବିତାରେ କାବ୍ୟତତ୍ତ୍ୱ (poetics) ଭାବରେ ଗୃହୀତ ହୋଇଥିଲା, ତାହାକୁ ହିଁ ବୁଝାଏ। ଏହା ବାଗ୍ମୀତାଶାସ୍ତ୍ର (Rhetorics), ନିୟାମକ–ବ୍ୟାକରଣ (Prescriptive Grammar) ପ୍ରଭୃତି ପୂର୍ବପ୍ରଚଳିତ ସାହିତ୍ୟଚର୍ଚ୍ଚା ସହିତ ସମ୍ବନ୍ଧିତ। ଏହି ଧାରା ଭାରତ, ଗ୍ରୀକ୍, ରୋମ, ଇଟାଲୀ ଆଦିରେ ଚଳିଆସୁଥିଲା। ଏକଥା ଆମକୁ ସ୍ମରଣ ରଖିବାକୁ ହେବ ଯେ – ପ୍ରାଚୀନ ବା ଶାସ୍ତ୍ରୀୟ ଶୈଳୀ ଶୈଳୀଶାସ୍ତ୍ରୀୟ ନିୟମ ସହିତ ସଂପୃକ୍ତ। ଏହା କଦାପି ଶୈଳୀବୈଜ୍ଞାନିକ ଚିନ୍ତନ ସହିତ ଅଙ୍ଗୀଭୂତ ନୁହେଁ ।

ବିନ୍ଦୁ-୨: ଯେମିତି ଭାଷାଶାସ୍ତ୍ର (Philology)ଠାରୁ ଭାଷାବିଜ୍ଞାନ (Linguistics) ଭିନ୍ନ, ଠିକ୍ ସେମିତି ଶୈଳୀଶାସ୍ତ୍ର (stylology)ଠାରୁ ଶୈଳୀବିଜ୍ଞାନ (Stylistics) ଭିନ୍ନ।

ବିନ୍ଦୁ-୩: ଶୈଳୀଶାସ୍ତ୍ରର ମୂଳଭିତ୍ତି ବାଗ୍ମୀତାଶାସ୍ତ୍ର ଏବଂ ନିୟାମକ-ବ୍ୟାକରଣ ହୋଇଥିବା ବେଳେ ଶୈଳୀବିଜ୍ଞାନର ମୂଳଭିତ୍ତି ବର୍ଣ୍ଣନାତ୍ମକ ତଥା ସଂରଚନାତ୍ମକ ଭାଷାବିଜ୍ଞାନ ହୋଇଥାଏ।

ବିନ୍ଦୁ-୪: ଶୈଳୀଶାସ୍ତ୍ରର ପ୍ରକୃତ ନିୟମ ବା ବିଧି ଏକ ପ୍ରୟୋଗିକ ବ୍ୟବସ୍ଥା ଦ୍ୱାରା ନିୟନ୍ତ୍ରିତ; କିନ୍ତୁ ଶୈଳୀବିଜ୍ଞାନର ସ୍ୱରୂପ ବର୍ଣ୍ଣନାତ୍ମକ ଓ ବ୍ୟାଖ୍ୟାତ୍ମକ।

ବିନ୍ଦୁ-୫: ଶୈଳୀଶାସ୍ତ୍ର ପ୍ରାଚୀନ ଶୈଳୀତତ୍ତ୍ୱ ସହିତ ନିର୍ଦ୍ଦେଶିତ ହୋଇଥିବା ବେଳେ ଶୈଳୀବିଜ୍ଞାନ ଆଧୁନିକ ଭାଷାବିଜ୍ଞାନ ଦ୍ୱାରା ପରିପୁଷ୍ଟ ତତ୍ତ୍ୱ ଦ୍ୱାରା ଶୋଭାବନ୍ତ, ସାମର୍ଥ୍ୟବନ୍ତ ହୋଇ ପାଠ ବା କୃତି (Text)ରେ ବ୍ୟବହୃତ ହୋଇଥାଏ ।

ବିନ୍ଦୁ-୬: ଅତଏବ ଶୈଳୀ ସଂପର୍କିତ ପ୍ରାଚୀନ ଏବଂ ନବୀନ ଅବଧାରଣା ତଥା ଅବବୋଧ ମଧ୍ୟରେ ପାର୍ଥକ୍ୟ ରହିଛି।

ଏ ସଂପର୍କରେ ଗଗନେନ୍ଦ୍ରନାଥ ଦାଶ ମତବ୍ୟକ୍ତ କରି କହନ୍ତି – "ଶୈଳୀ ବା Style ଶବ୍ଦଟି ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଆଦୌ ନୂଆ ନୁହେଁ ଓ ସାହିତ୍ୟ- ଶୈଳୀ ବିଚାରର ଗୋଟିଏ ପ୍ରାଚୀନ ପରମ୍ପରା ଥିଲେ ମଧ୍ୟ ଭାଷାବିଜ୍ଞାନଭିତ୍ତିକ ଶୈଳୀବିଜ୍ଞାନ (Stylistics)ର ଆବିର୍ଭାବ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ଏକ ନୂତନ ଘଟଣା। ଏହା ଏତେ ନୂତନ ଯେ ଶୈଳୀବିଜ୍ଞାନ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ରୂପରେଖ ପାଇ ନାହିଁ ଓ କିଛି ପରିମାଣରେ ପରୀକ୍ଷାନିରୀକ୍ଷା ସ୍ତରରେ ରହିଛି ବୋଲି କୁହାଯାଇପାରେ। ତେବେ ଏଠାରେ

ଏତିକି କୁହାଯାଇପାରେ ଯେ, ଆଧୁନିକ ଶୈଳୀ-ବିଜ୍ଞାନକୁ ପାରମ୍ପରିକ ଶୈଳୀ ବିଚାରର ବିବର୍ତ୍ତନରେ ଏକ ସ୍ତର ବା ପର୍ଯ୍ୟାୟ ବୋଲି ଗ୍ରହଣ କରାଯାଇ-ପାରେ ନାହିଁ; ଏହା ସମ୍ପୂର୍ଣ୍ଣ ଭାବରେ ଆଧୁନିକ ଭାଷା ବିଜ୍ଞାନଭିତ୍ତିକ ଏକ ନୂତନ ସିଦ୍ଧାନ୍ତ; ଏକ ନୂତନ ଦୃଷ୍ଟିକୋଣ; ଏକ ନୂତନ ଦିଗ୍‌ଦର୍ଶନ ।' (ଶୈଳୀ ବିଜ୍ଞାନ, (ମୁଖବନ୍ଧ) ସମ୍ପାଦନା – ଡ. ଗଗନେନ୍ଦ୍ରନାଥ ଦାଶ, ଡ. ପଞ୍ଚାନନ ମହାନ୍ତି, ଯଶୋଦା ପ୍ରକାଶନୀ, ବ୍ରହ୍ମପୁର, ପ୍ରଥମ ପ୍ରକାଶ ୧୯୮୯, ଦ୍ୱିତୀୟ ପ୍ରକାଶ - ୨୦୦୦) ।

ଏ ସଂପର୍କରେ ପଞ୍ଚାନନ ମହାନ୍ତି କହନ୍ତି – "ଶୈଳୀ ବିଜ୍ଞାନ, ଭାଷା ବିଜ୍ଞାନର ନା ପ୍ରୟୋଗାତ୍ମକ ଭାଷାବିଜ୍ଞାନର ଅନ୍ତର୍ଭୁକ୍ତ ଏ ବିଷୟରେ ମଧ୍ୟ ମତଦ୍ୱୈଧ ପରିଦୃଷ୍ଟ ହୁଏ। କେତେକ ଭାଷାବିଜ୍ଞାନୀଙ୍କ ମତରେ ଏହା ସୂକ୍ଷ୍ମ ଭାଷାବିଜ୍ଞାନ (micro-linguistics)ର ଅନ୍ତର୍ଗତ ନୁହେଁ ବରଂ ଏଥିରେ ସାହିତ୍ୟ ଆଲୋଚନା ପାଇଁ ଭାଷାବୈଜ୍ଞାନିକ ସିଦ୍ଧାନ୍ତର ପ୍ରୟୋଗ କୁହାଯାଉଥିବା ହେତୁ ଏହା ପ୍ରୟୋଗାତ୍ମକ ଭାଷାବିଜ୍ଞାନର ଅନ୍ତର୍ଭୁକ୍ତ ହେବା ଉଚିତ (Halliday 1964)। ଆଉ କେତେକ ଭାଷାବିଜ୍ଞାନୀଙ୍କ ଯୁକ୍ତି ହେଲା, ଭାଷାବିଜ୍ଞାନ ଏକ ବ୍ୟାପକ ( global) ବିଜ୍ଞାନ ହୋଇଥିବାରୁ ଯେ କୌଣସି ଭାଷିକ କାର୍ଯ୍ୟ ଏହାର ପରିସରଭୁକ୍ତ ଏବଂ ଶୈଳୀବିଜ୍ଞାନ ପ୍ରତି ମଧ୍ୟ ଏହା ପ୍ରଯୁଜ୍ୟ। ଆଜି ଭାଷାବିଜ୍ଞାନ ଏକ ପ୍ରତିଷ୍ଠିତ ବିଜ୍ଞାନ ହୋଇ ସାରିଥିବା ହେତୁ ଦ୍ୱିତୀୟ ମତଟି ହିଁ ଏଠାରେ ଗ୍ରହଣୀୟ।' (ଉଦ୍ଧୃତ ଶୈଳୀବିଜ୍ଞାନର ସଂଜ୍ଞା, ସ୍ୱରୂପ ଓ ପରିସର, ସମ୍ପାଦନା– ଡ. ଗଗନେନ୍ଦ୍ର ନାଥ ଦାଶ, ଡ. ପଞ୍ଚାନନ ମହାନ୍ତି, ଶୈଳୀ ବିଜ୍ଞାନ, ଯଶୋଦା ପ୍ରକାଶନୀ, ବ୍ରହ୍ମପୁର, ପ୍ରଥମ ପ୍ରକାଶ – ୧୯୮୯, ଦ୍ୱିତୀୟ ପ୍ରକାଶ – ୨୦୦୦, ପୃ- ୨-୩)

ଏ ସଂପର୍କରେ ମଧୁସୂଦନ ପତି ଏବଂ ଅଶୋକ କୁମାର ମହାପାତ୍ର କହନ୍ତି – 'ଶୈଳୀ' ଶବ୍ଦଟିର ଅର୍ଥ ଖୁବ୍ ବ୍ୟାପକ। ଭାଷା ପ୍ରସଙ୍ଗରେ ଶୈଳୀ କହିଲେ ଭାଷା ପ୍ରୟୋଗର ନିର୍ଦ୍ଦିଷ୍ଟ ଭଙ୍ଗୀ ବା ରୀତିକୁ ବୁଝାଇଥାଏ। ପ୍ରକୃତପକ୍ଷେ ବିଭିନ୍ନ ଭାଷା ପ୍ରସଙ୍ଗୀୟ ଅବସ୍ଥା ସହିତ ସଂଶ୍ଳିଷ୍ଟ ପ୍ରକାଶଭଙ୍ଗୀକୁ ଶୈଳୀ କୁହାଯିବା ଉଚିତ। ଭାଷା ମନୁଷ୍ୟ ଦ୍ୱାରା ଉଚ୍ଚାରିତ ବିଭିନ୍ନ ଧ୍ୱନିମାନଙ୍କର ଏକ ପରିକଳ୍ପନା ମାତ୍ର ଯାହାକୁ ଫର୍ଡିନାଣ୍ଡ ଡି ସସ୍ୟୁର 'ଲେଙ୍ଗ୍' (Langue) ବୋଲି କହିଛନ୍ତି। ସାମାଜିକ ସ୍ୱୀକୃତି ପାଇଥିବା ଏହି ଧ୍ୱନିଶୃଙ୍ଖଳା ଯେଉଁ ବ୍ୟକ୍ତିବିଶେଷର କଥନ ଭାବେ ପ୍ରକାଶ ଲାଭ କରେ ତାକୁ ସେ 'ପେରୋଲ୍' (Parole) ବୋଲି ନାମିତ କରନ୍ତି। ଲେଙ୍ଗ୍ ବ୍ୟକ୍ତି, କାଳ ଓ ସ୍ଥାନ ପ୍ରସଙ୍ଗରେ ସୃଷ୍ଟି ହେଉଥିବା ବିଭିନ୍ନତା ଓ ପରିବର୍ତ୍ତନଶୀଳତାର ଦ୍ୟୋତକ। ଏହା ସାମାଜିକ ବାସ୍ତବତା ଓ ବିଭିନ୍ନ ଗଠନଧର୍ମ, ବିଭିନ୍ନ କ୍ରିୟାଶୀଳତା ତଥା ବିଭିନ୍ନ ଧରଣର ପ୍ରାସଙ୍ଗିକତା ମଧ୍ୟ ଦେଇ ରୂପାୟିତ ହୁଏ। ଶୈଳୀ ଭାଷାର ସେହି ବିଭିନ୍ନତା ଓ ପରିବର୍ତ୍ତନଶୀଳତା ସହ ନିଗୂଢ଼ ଭାବେ ସଂପୃକ୍ତ। (ଆଧୁନିକ ଓଡ଼ିଆ କବିତାର ଶୈଳୀତାତ୍ତ୍ୱିକ ସମାଲୋଚନା, ଡ. ମଧୁସୂଦନ ପତି ଓ ଅଶୋକ କୁମାର ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶ – ୧୯୯୫, ପୃ. ୨-୩)

ଅତଏବ ଆଲୋଚ୍ୟ 'ଶୈଳୀ ଓ ଶୈଳୀବିଜ୍ଞାନ' ପ୍ରବନ୍ଧରେ ଯେଉଁସବୁ ଦିଗ ଉପରେ ଆଲୋକପାତ କରାଯିବ, ତାହା ଆଧୁନିକ ଶୈଳୀ, ଶୈଳୀବିଜ୍ଞାନ ଓ ଶୈଳିବୈଜ୍ଞାନିକ ବିଶ୍ଳେଷଣ ପଦ୍ଧତିକୁ ଭିତ୍ତି କରି ଏବଂ ତାହା ଏହିଭଳି –

ଶୈଳୀ ଭାଷାବିଜ୍ଞାନର ଅଙ୍ଗୀଭୂତ। କୌଣସି କଳାକର୍ମର ବିଜ୍ଞାନସମ୍ମତ ଅଧ୍ୟୟନ ତଥା ବିଶ୍ଳେଷଣକୁ ଶୈଳୀବିଜ୍ଞାନ କୁହାଯାଏ। ସାହିତ୍ୟ କର୍ମରେ ସାହିତ୍ୟକଳାର ଭାଷିକ ସଂରଚନାରେ ଯେଉଁ ଅଧ୍ୟୟନ ତଥା ବିଶ୍ଳେଷଣ ହୁଏ, ତାହା ସାହିତ୍ୟରେ ଶୈଳୀବିଜ୍ଞାନ ଭାବରେ ଚିହ୍ନିତ। ଗୋଟିଏ କଥାରେ କହିଲେ ଶୈଳୀବିଜ୍ଞାନ କଳାକର୍ମର ଅନ୍ତରୀଣ ଓ ବାହ୍ୟ ଦିଗକୁ ହିଁ ନିର୍ଦ୍ଦେଶ କରେ ।

'ଶୈଳୀକୁ' ଇଂରାଜୀରେ 'Style" କୁହାଯାଏ। ଲାଟିନ 'Stilus" ବା 'Stylus" ଶବ୍ଦରୁ ଏଇ ଶବ୍ଦଟିର ଉତ୍ପତ୍ତି। ଯେତେବେଳେ ବକ୍ତା ବା ଲେଖକ ନିଜର ଭାବକୁ ବୈଚିତ୍ର୍ୟପୂର୍ଣ୍ଣ ଭାଷିକ କୌଶଳ ମାଧ୍ୟମରେ ଅଭିବ୍ୟକ୍ତ କରନ୍ତି, ସେତେବେଳେ ଶୈଳୀର ଉତ୍ପତ୍ତି ଘଟେ। 'ଶୈଳୀବିଜ୍ଞାନ' ଶବ୍ଦଟି ଜର୍ମାନୀ ଭାଷାରେ ପ୍ରଚଳିତ 'Stilistik' ଶବ୍ଦରୁ ଆସିଅଛି। ପରେ ଫରାସୀଭାଷାରେ ଏହି ଶବ୍ଦ "Stilistique' ନାମରେ ପ୍ରଚଳିତ ହେଲା। "ପ୍ରାୟଃ ୧୮୪୬ ମସିହାବେଳକୁ ଏହି ଶବ୍ଦ 'Stylistic" ନାମରେ ଏବଂ ତା ପରେ ପରେ ଏହି ଶବ୍ଦ 'ଶୈଳୀବିଜ୍ଞାନ' ଅର୍ଥରେ 'Stylistics' ନାମରେ ଇଂରାଜୀ ଭାଷାରେ ପ୍ରଚଳିତ ହେଲା।" (Encyclopaedia of Linguistics, Information and Control, Chief Editor, A.R. Mythem, Oxford: Pergman Press, 1969, Page - 259) "୧୮୮୨-୮୩ ମସିହା ବେଳକୁ ଏହି ଶବ୍ଦଟି 'Oxford University Dictionary' ରେ ସଂଯୁକ୍ତ ହେଲା ।" (S. Ulman, Style in French Novel, London: Cambridge University Press, 1957, Page. 3.)"

ଶୈଳୀବିଜ୍ଞାନ ଇତିହାସର ଆରମ୍ଭ ଫରାସୀ ଲେଖକ ଚାର୍ଲସ୍ ବାଲିଙ୍କଠାରୁ। ସେ ହିଁ ସର୍ବପ୍ରଥମେ ଶୈଳୀବିଜ୍ଞାନ ଅର୍ଥରେ 'Stilistique' ଶବ୍ଦଟିକୁ ବ୍ୟବହାର କରନ୍ତି। ପରେ ପରେ ଶୈଳୀବିଜ୍ଞାନ ପଦ୍ଧତିର ଆଲୋଚନା କ୍ଷେତ୍ରରେ ଜର୍ମାନ, ସ୍ପେନ, ରୁଷ ଆଦି ଦେଶର ଲେଖକଗଣ ବ୍ୟାପୃତ ହୋଇଥିବାର ଲକ୍ଷ୍ୟ କରାଯାଏ ।'ନବସଂରଚନାବାଦୀ' ଶୈଳୀବିଜ୍ଞାନ, ପ୍ରାଗ୍-ସ୍କୁଲର 'ସଂରଚନାବାଦୀ ସିଦ୍ଧାନ୍ତ', ଆମେରିକୀୟ 'ଶୈଳୀବୈଜ୍ଞାନିକ ବିଚାରଧାରା' ଆଦି କାଳକ୍ରମେ ମୂଳ ଶୈଳୀବିଜ୍ଞାନ ଧାରାକୁ ବିସ୍ତାରିତ ଓ ସୂକ୍ଷ୍ମତର କରି ତୋଳିଲା। ବିଂଶ ଶତାବ୍ଦୀରେ ଇଂରାଜୀରେ 'Stylistics' କଥାଟି ଆଧୁନିକ କାଳରେ ଶୈଳୀବିଜ୍ଞାନର ମାନକ ହୋଇଉଠିଲା। ଯାହାର ଅର୍ଥ ହେଲା – "The science of the variations in language including the effective values of different words, forms and sounds that constitute style

in the literary and also the wider senses." (Chambers 20th Century Dictionary, 1987, page-1286.) 'The Encyclopaedia of Language and Linguistics' ଙ୍କ ମତରେ, "Stylistics is concerned with variations in language use and thus with analytic choice." (Encyclopaedia of Linguistics, Information and Control, Chief Editor, A.R. Mythem, Oxford: Pergaman Press, 1969, Page-4378.)

ଶୈଳୀର ଅସ୍ତିତ୍ୱ ସମ୍ପର୍କରେ କେତେକ ମତ ପାର୍ଥକ୍ୟ ଦେଖାଯାଏ। Benson Gray 'ଶୈଳୀକୁ ଏକ ଅର୍ଥହୀନ ଅବଧାରଣା ବୋଲି କହିଛନ୍ତି ।' (Benson Gray - The problem and its Solution, Paris, 1969, P. 1-117)। ସମସ୍ତ ସାହିତ୍ୟକୃତିକୁ ସେ 'Statement' ବୋଲି କହି ଶୈଳୀକୁ ଖୋଜିବାର ପ୍ରଚେଷ୍ଟା କେବେ ସଫଳ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି। Samuel R. Lebin-Grayଙ୍କର The problem and its Solution' ପୁସ୍ତକକୁ ସମୀକ୍ଷା କରିବାକୁ ଯାଇ ଶୈଳୀ ବିଷୟକ Grayଙ୍କର ଏତାଦୃଶ ନାସ୍ତିବାଚକ ଅବଧାରଣାକୁ ଭ୍ରାନ୍ତ ବୋଲି ଘୋଷଣା କରିଛନ୍ତି। ତାଙ୍କ ମତରେ ସମାଜ ପରି ଶୈଳୀର ମଧ୍ୟ ଅସ୍ତିତ୍ୱ ରହିଛି। ତେଣୁ ତାକୁ ଅର୍ଥହୀନ ଏବଂ ଅଦରକାରୀ ବୋଲି କହିହେବ ନାହିଁ ।

ଶୈଳୀ-ଅଧ୍ୟୟନ ସଂପର୍କରେ ବିଶ୍ଳେଷଣ କରିବା ପୂର୍ବରୁ ଏହାର ସଂଜ୍ଞା, ସ୍ୱରୂପ ଏବଂ ପ୍ରକାରଭେଦ ସଂପର୍କରେ ଆଲୋଚନା କରିବା ବାଞ୍ଛନୀୟ। ଶୈଳୀର ପରିଭାଷା ନିରୂପଣ କରିବାକୁ ଯାଇ ବିଶ୍ୱର ବିଭିନ୍ନ ସମାଲୋଚକ ବିଭିନ୍ନ ପ୍ରକାର ମତାମତ ପ୍ରକାଶ କରିଛନ୍ତି। ଏହି ମତାମତଗୁଡ଼ିକୁ ଆଧାର କରି ଶୈଳୀ ସଂପର୍କୀୟ ପରିଭାଷାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଯଥା – (୧) ସାହିତ୍ୟସ୍ରଷ୍ଟାଙ୍କ ବ୍ୟକ୍ତିତ୍ୱ ଆଧାରିତ ପରିଭାଷା। (୨) ସାହିତ୍ୟ ସୃଷ୍ଟିର ଭାଷା ଆଧାରିତ ପରିଭାଷା।

**୧) ସାହିତ୍ୟସ୍ରଷ୍ଟାଙ୍କ ବ୍ୟକ୍ତିତ୍ୱ-ଆଧାରିତ ପରିଭାଷା–** ଏଇ ପ୍ରକାରର ପରିଭାଷାରେ ସାହିତ୍ୟସ୍ରଷ୍ଟାଙ୍କ ବ୍ୟକ୍ତିତ୍ୱ, ଚିନ୍ତାଧାରା, ଭାବନା, ବିଚାରଶକ୍ତି, ଦୃଷ୍ଟିଭଙ୍ଗୀ ପ୍ରଭୃତି ଗୁରୁତ୍ୱ ପାଇଥାଏ। ଏହି ପରିଭାଷା ଅନୁସାରେ ଶୈଳୀ ହେଉଛି – 'ମସ୍ତିଷ୍କର ବାହ୍ୟକୃତି' [Style is the physiognomy of the mind (Schopenhawer)], 'ଚିନ୍ତାଧାରାର ପୋଷାକ'[Style is the dress of thought. (Chesterfield)], 'ବିଚାର କ୍ରମ'[Style is x x the very thought itself. (Eliss)], "ବିଚାରଗତି" ତଥା 'ନିଜେ ବ୍ୟକ୍ତି ବିଶେଷ ' [Style consists in the order and the movement, which we introduce into our thought. Style is the man himself. (Buffein)], 'କୌଶଳ ବିଶେଷର ପ୍ରଶ୍ନ ନୁହେଁ, ଦୃଷ୍ଟିକୋଣର ପ୍ରଶ୍ନ' [Style is a question not of technique but of vision. (Proust)] ଇତ୍ୟାଦି। ବ୍ୟକ୍ତି ଯେଉଁ ସାମାଜିକ ପରିମଣ୍ଡଳରେ ଜୀବନ ବିତାଉଥାଏ, ସେହି ପରିମଣ୍ଡଳରୁ ସେ ଯେଉଁ ଭାବ ଆହରଣ କରେ ତାହାକୁ ନେଇ ସେ ତାର ସାହିତ୍ୟ ରଚନା କରେ ଓ ସେହି ଅନୁସାରେ ତାର ଶୈଳୀ ମଧ୍ୟ ନିୟନ୍ତ୍ରିତ ହୋଇଥାଏ ।

**୨) ସାହିତ୍ୟସୃଷ୍ଟିର ଭାଷା-ଭିତ୍ତିକ ପରିଭାଷା–** ଏଥିରେ ସାହିତ୍ୟ ସୃଷ୍ଟିର ଭାଷିକ ବିଶିଷ୍ଟତାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଶୈଳୀର ଏହି ପାରିଭାଷିକ ବୈଶିଷ୍ଟ୍ୟକୁ New man, Coleridge, J. Middleton Murry ପ୍ରମୁଖ ସମର୍ଥନ କରିଛନ୍ତି। ଭାଷା ପ୍ରୟୋଗର ବୈବିଧ୍ୟକୁ ଆଧାର କରି ଶୈଳୀ ସଂପର୍କରେ ଏହି ପରିଭାଷା ନିରୂପିତ ହୋଇଛି।

Newmanଙ୍କ ମତରେ, 'Style is thinking out into language', ଅର୍ଥାତ ଭାଷା ମାଧ୍ୟମରେ ଶୈଳୀକୁ ଚିନ୍ତନ କରାଯାଏ। ଏହି ଚିନ୍ତନର ଅନ୍ୟ ନାମ ବିଶ୍ଳେଷଣ ମଧ୍ୟ ହେଇପାରେ | 'Poetry is the best words in best order' ବୋଲି କହି Coleridge ଶୈଳୀ ବିଶ୍ଳେଷଣ କ୍ଷେତ୍ରରେ ଶବ୍ଦବସାଣ ମାହାତ୍ମ୍ୟକୁ ଅଧିକ ଗୁରୁତ୍ୱ ଦେଇଛନ୍ତି।

କବିତା, ନାଟକ, ଉପନ୍ୟାସ ପ୍ରଭୃତି ସାହିତ୍ୟର ସର୍ବବିଧ ବିଭାଗରେ ଶବ୍ଦ ହେଉଛି ମୂଳ ଉପାଦାନ। ଅର୍ଥପ୍ରକାଶର ସର୍ବନିମ୍ନ ଏକକ ହେଉଛି ଶବ୍ଦ। ଶବ୍ଦର ଉପଯୁକ୍ତ ବସାଣଦ୍ୱାରା ସାହିତ୍ୟରେ ବୈଚିତ୍ର୍ୟ ଫୁଟି ଉଠେ। ବୈଚିତ୍ର୍ୟ ଫୁଟି ଉଠିଲେ ସାହିତ୍ୟରେ ଶୈଳୀୟ ସୌନ୍ଦର୍ଯ୍ୟ ବର୍ଦ୍ଧନ ହେଲା ବୋଲି କୁହାଯାଏ। J.Middleton Murry ଭାଷାର ବିଶେଷ ଗୁଣକୁ ଶୈଳୀ ବୋଲି ଅଭିହିତ କରି, ତାହା ଭାବନା ବା ଚିନ୍ତାଧାରା ସହିତ କିପରି ଉତ୍ତମ ସଂଯୋଗ ସ୍ଥାପନ କରିଥାଏ, ସେ କଥା କହିଛନ୍ତି। ଏ ସଂପର୍କରେ ତାଙ୍କର ଉଦ୍ଧୃତିଟି ହେଉଛି– "Style is a quality of language, which communicates precisely emotion or thoughts."

ଏହା ବ୍ୟତୀତ Wessle କହନ୍ତି - Style is dress of thought, a modest dress neat but not guidy, willy true critics please. Sherrun କହନ୍ତି - The term (Style) simply indicates the presence personality in the manner of artistic expression ଏବଂ Dadle କହନ୍ତି - Style is the personality of the artist shown through medium elements and organization.

ମଣିଷ ମନରେ ଯେତେବେଳେ କୌଣସି ଚିନ୍ତାଧାରା

ବା ଭାବନାର ଉଦ୍ରେକ ହୁଏ, ସେତେବେଳେ ସେ ତାକୁ ଭାଷା ମାଧ୍ୟମରେ ବ୍ୟକ୍ତ କରେ। ଭାଷା ଭାବ ସଂପ୍ରେଷଣର ଏକ ସର୍ବୋତ୍ତମ ମାଧ୍ୟମ ହୋଇଥିବାରୁ ଏହା ବକ୍ତା ବା ଲେଖକ ମାଧ୍ୟମରୁ ସଂପ୍ରେଷିତ ହୋଇ ଶ୍ରୋତା/ ପାଠକ ମାଧ୍ୟମ ନିକଟରେ ପହଞ୍ଚେ। ଫଳରେ ଭାବର ଆଦାନପ୍ରଦାନ ସମ୍ଭବ ହୁଏ।

ଶୈଳୀ ସଂପର୍କିତ ଉପରୋକ୍ତ ପରିଭାଷାରୁ ଦୁଇଟି ଦିଗ ସୂଚିତ ହେଉଛି। ଗୋଟିଏ ହେଉଛି ସାହିତ୍ୟସ୍ରଷ୍ଟାଙ୍କ ବ୍ୟକ୍ତିତ୍ୱଭିତ୍ତିକ ଦିଗ ଏବଂ ଅନ୍ୟଟି ହେଉଛି ସାହିତ୍ୟ ସୃଷ୍ଟିର ଭାଷିକ ଦିଗ। ପ୍ରଥମଟିରେ ସାହିତ୍ୟ ସ୍ରଷ୍ଟାଙ୍କର ସହିତର ଭାବକୁ ଭିତ୍ତି କରି ପ୍ରସ୍ତୁତ ହେଉଥିବାରୁ ଏହାକୁ ସାହିତ୍ୟିକ ଦିଗ ବୋଲି କୁହାଯିବ ଏବଂ ଦ୍ୱିତୀୟଟିରେ ଭାଷାର ବିଭିନ୍ନ ଉପାଦାନକୁ ଭିତ୍ତି କରି ପ୍ରସ୍ତୁତ ହେଉଥିବାରୁ ତାହାକୁ ସାହିତ୍ୟ ସୃଷ୍ଟିର ଭାଷିକ ଦିଗ ବୋଲି କୁହାଯିବ। ଗୋଟିଏ ପୂର୍ଣ୍ଣାଙ୍ଗ ସାହିତ୍ୟକୃତିରେ ଭାଷିକ ବିଶିଷ୍ଟତା ସହିତ ସାହିତ୍ୟସ୍ରଷ୍ଟାଙ୍କର ବ୍ୟକ୍ତିଗତ-ବୈଶିଷ୍ଟ୍ୟ ବିମିଶ୍ରିତ ହୋଇ ରହିଥାଏ। ସ୍ରଷ୍ଟାଙ୍କର ଶିକ୍ଷାଦୀକ୍ଷା, ସ୍ୱଭାବ, ଅନୁଭବ, ସଂବେଗ, ଆବେଗ, ସମ୍ବେଦନ ଆବେଦନ ପ୍ରଭୃତି ବିବିଧ ଅବବୋଧର ସମନ୍ୱୟରେ ତାଙ୍କର ସୃଷ୍ଟିଟି ପୂର୍ଣତା ଲାଭ କରିଥାଏ। ହୁଏତ କୃତିକାରଙ୍କର ବ୍ୟକ୍ତିତ୍ୱ ସେଠାରେ ପ୍ରତ୍ୟକ୍ଷ ଭାବରେ ଦୃଶ୍ୟମାନ ହୋଇ ନ ଥାଇପାରେ। କିନ୍ତୁ ଅପ୍ରତ୍ୟକ୍ଷଭାବରେ ସେ ନିଜ ସୃଷ୍ଟିଟିକୁ ନିଜ ଭାବବୋଧରେ ପରିପ୍ଳାବିତ କରିଥିବା ସ୍ୱାଭାବିକ। ସେଥିପାଇଁ କଥ୍ୟବିନ୍ଦୁ, ଅଭିବ୍ୟକ୍ତି ତଥା ଅଭିବ୍ୟଞ୍ଜନା ପ୍ରଭୃତି ସ୍ରଷ୍ଟାଙ୍କର ବ୍ୟକ୍ତିତ୍ୱ ଅନୁସାରେ ସଂଚାଳିତ ହୋଇଥାଏ। ସାହିତ୍ୟସ୍ରଷ୍ଟା ଭାଷିକ ସଂପ୍ରେଷଣ ମାଧ୍ୟମରେ ସାହିତ୍ୟିକ ଅଭିବ୍ୟଞ୍ଜନା ସୃଷ୍ଟି କରି ତହିଁରେ ଶୈଳୀମୂଳକ ଚମତ୍କାରିତା, ସୁନ୍ଦରତା ଏବଂ ପ୍ରଭାବଶାଳୀତାକୁ ପ୍ରକାଶିତ କରିବାକୁ ଚେଷ୍ଟା କରିଥାନ୍ତି। ସ୍ରଷ୍ଟା ନିଜ ସୃଷ୍ଟିରେ ଯେଉଁ ସାଭିପ୍ରାୟତାକୁ ଅଭିବ୍ୟକ୍ତ କରନ୍ତି, ସେଥିରେ ତାଙ୍କ ଭାବ ଏବଂ ଭାଷିକ- ଶୈଳୀମୂଳକ ଚମତ୍କାରିତାର ମଧୁର ସମନ୍ୱୟ ଘଟିଥାଏ। ଭାବ ଓ ଭାଷାର ସମନ୍ୱୟରେ ଯେଉଁ ବିଚିତ୍ରତା ସଂପାଦିତ ହୁଏ, ତଦ୍ୱାରା ଧ୍ୱନି, ଶବ୍ଦ, ବାକ୍ୟ, କଥନିକା ପ୍ରଭୃତି ସ୍ତରରେ ଚମକ ସୃଷ୍ଟି ହୁଏ। ଏହି ଚମକ ଯୋଗୁଁ ସାହିତ୍ୟ ସୃଷ୍ଟିରେ ଉଭୟ ସାହିତ୍ୟସ୍ତର ଏବଂ ଭାଷିକସ୍ତରରେ ବୈବିଧ ସୃଷ୍ଟି ହୋଇଥାଏ।

ଶୈଳୀ ସଂପର୍କରେ ଆଲୋଚିତ ପାରିଭାଷିକ ମନ୍ତବ୍ୟ ବ୍ୟତୀତ ଆହୁରି କେତୋଟି ଗୁରୁତ୍ୱପୂର୍ଣ ପ୍ରସଙ୍ଗକୁ ଶୈଳୀ ସଂପର୍କୀୟ ଆଲୋଚନାର ପରିସରଭୁକ୍ତ କରାଯାଇପାରେ ।

ଶୈଳୀ ସାହିତ୍ୟସ୍ରଷ୍ଟାଙ୍କ ପାଇଁ ଏକ ଅଭିବ୍ୟକ୍ତ-ପ୍ରଣାଳୀ ଅଟେ। ସ୍ରଷ୍ଟା ନିଜର ଅଭିବ୍ୟଞ୍ଜନାକୁ ଚୟନ କରି ଅଭିବ୍ୟକ୍ତ କଲେ, ସୃଷ୍ଟିରେ ଶୈଳୀ-ସ୍ୱାତନ୍ତ୍ର୍ୟ ଫୁଟିଉଠେ। 'ଚୟନ'ର ଅର୍ଥ ହେଉଛି 'ବାଛିବା' ଅର୍ଥାତ୍ 'ଅନେକ' ଭିତରୁ 'ଗୋଟିଏ'କୁ ବାଛିବା। (ଶୈଳୀ ବିଜ୍ଞାନ, ଭୋଳାନାଥ ତିୱାରୀ, ପୃ-୬୮)। ଲେଖକଙ୍କ ପାଇଁ ଏହି ପ୍ରକ୍ରିୟାଟି ସବୁଠାରୁ ଗୁରୁତ୍ୱପୂର୍ଣ। "ଅନେକ ଧ୍ୱନି, ଅନେକ ଶବ୍ଦ, ଅନେକ ରୂପ, ଅନେକ ବାକ୍ୟ, ଅନେକ କଥନିକା ମଧ୍ୟରୁ ଯେଉଁଟି ଭାବପ୍ରକାଶରେ ସଂପୂର୍ଣ ସମର୍ଥ ଓ ଉପଯୁକ୍ତ – ତାହାକୁ ଲେଖକ ବାଛିଥାଏ ଓ ନିଜ ଅଭିବ୍ୟକ୍ତି ପାଇଁ ପ୍ରୟୋଗ କରିପାରିଥାଏ। ନିଜର ବକ୍ତବ୍ୟକୁ ସର୍ବୋତ୍ତମ ଭାବରେ ଉପସ୍ଥାପନ କରିବା ପାଇଁ ଲେଖକ ସର୍ବଦା ଚେଷ୍ଟିତ। କୌଣସି କୃତିର ରଚନା ସମୟରେ ସେ ଉପଯୁକ୍ତ ଶବ୍ଦ ତଥା ଶବ୍ଦର ଅର୍ଥ-ବାହୀ ବିଶିଷ୍ଟତା ଆଦି ପ୍ରତି ଲକ୍ଷ୍ୟରଖିଥାନ୍ତି। ଆବଶ୍ୟକସ୍ଥଳେ ନାନା ଶବ୍ଦ ବଦଳାଇ ନିଜର ବକ୍ତବ୍ୟକୁ ଅଧିକ ଭାବପ୍ରକାଶକ୍ଷମ କରିବାକୁ ଚେଷ୍ଟା କରିଥାନ୍ତି। ଏହା ହେଉଛି ଚୟନତତ୍ତ୍ୱ (Theory of Choice)"। (ଶବ୍ଦରେ ମୃଗୟା, କଇଳାଶ ପଟ୍ଟନାୟକ, କଟକ ଟ୍ରେଡ଼ିଂ କମ୍ପାନୀ, ପ୍ରଥମ ସଂସ୍କରଣ, ପୃ – ୧୦୭) ।

ଆମେରିକୀୟ ଲେଖକ Luee Millik ଚୟନତତ୍ତ୍ୱକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି। ଯଥା – (କ) ବିଚାରିତ ଚୟନ, (ଖ) ଅବିଚାରିତ ଚୟନ। 'ବିଚାରିତ ଚୟନ'କୁ 'ଆଳଙ୍କାରିକ ନିର୍ବାଚନ' ବୋଲି କହିଥିବା ସ୍ଥଳେ 'ଅବିଚାରିତ ଚୟନ'କୁ 'ଶୈଳୀ ବୈଜ୍ଞାନିକ ବିକଳ୍ପ' ବୋଲି କହିଛନ୍ତି। (ଶୈଳୀ ବିଜ୍ଞାନ, ଡ. ନଗେନ୍ଦ୍ର, ପୃ-୫୯) ।

ଶୈଳୀ ବିଶ୍ଳେଷଣ ସାଧାରଣତଃ "(୧) ଚୟନ (Choice), (୨) ମାନକରୁ ବିଚଳନ (Deviation from the norm) ଏବଂ (୩) ବହୁଧର୍ମିତା ଉପରେ ପର୍ଯ୍ୟବସିତ ହୋଇଥାଏ ବୋଲି ଡ. ସୁରେଶ କୁମାର ମତବ୍ୟକ୍ତ କରନ୍ତି ।" (ପ୍ରେମଚନ୍ଦ କୀ ଭାଷା, ଏକ ଶୈଳୀ ବୈଜ୍ଞାନିକ ଅଧ୍ୟୟନ, ଡ. ସୁରେଶ କୁମାର ।) ଚୟନତତ୍ତ୍ୱକୁ ଦୃଷ୍ଟିରେ ରଖି ଶୈଳୀ ବିଶ୍ଳେଷଣ କରାଗଲେ, ତାହା ଅଧିକ ସ୍ୱାଭାବିକ ହୋଇଥାଏ। ଏହା ବ୍ୟତୀତ ପ୍ରକାର୍ଯ୍ୟ (Function) ରୂପରେ ଶୈଳୀର ବିଶ୍ଳେଷଣ କରାଯାଇ ବିଚାରାତ୍ମକ (Ideational), ଆନ୍ତର୍ବୈୟକ୍ତିକ (Inter-personal) ଏବଂ ପାଠାତ୍ମକ (Textual) ଭଳି ପ୍ରକାର୍ଯ୍ୟଗୁଡ଼ିକୁ ଶୈଳୀରେ ଅଙ୍ଗୀଭୂତ କରାଯାଇଥାଏ। ପୁନଶ୍ଚ କୌଣସି ଭାଷିକ ସଂପ୍ରେଷଣ-ବ୍ୟାପାର ମୂଳରେ ବକ୍ତା, ଶ୍ରୋତା, ସନ୍ଦର୍ଭ, ସନ୍ଦେଶ ସଂପର୍କ ପ୍ରଭୃତି ପ୍ରକାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ କରାଯାଇଥାଏ। ଶୈଳୀକୁ ଚୟନ ବୋଲି ସ୍ୱୀକାର କରାଯାଇ ତଥ୍ୟାତ୍ମିକ ଚୟନ, ବ୍ୟାକରଣିକ ଚୟନ, ପର୍ଯ୍ୟାୟ ଚୟନ, ରୂପାନ୍ତରଣ ଚୟନ ପ୍ରଭୃତିର ପ୍ରାସଙ୍ଗିକତାକୁ ଶୈଳୀବିଶ୍ଳେଷଣ କ୍ଷେତ୍ରରେ ଉପସ୍ଥାପିତ କରାଯାଇଥାଏ। ଶୈଳୀକୁ ବିଚ୍ୟୁତି (Deviation) ବୋଲି ତର୍କଣା କରାଯାଇ ତାହା ମାନକସ୍ତରରୁ କିପରି ବୈୟକ୍ତିକ ସ୍ତରକୁ ବିଚ୍ୟୁତ ହୋଇଥାଏ, ସେ ସଂପର୍କରେ ଶୈଳୀ ଆଲୋଚନା ସମୟରେ ଧ୍ୟାନ ଦେବାକୁ ପଡ଼େ। ଶୈଳୀ କଥନିକା ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ ବୋଲି କୁହାଯାଇ ଶୈଳୀକୁ ଭାଷାର ସନ୍ଦର୍ଭବଦ୍ଧ ବିବିଧତା ଏବଂ ମାନକତା ତଥା ପାଠମଧ୍ୟସ୍ଥ ବିଭିନ୍ନତାଗୁଡ଼ିକର ସମୁଚ୍ଚୟ ବୋଲି ମଧ୍ୟ କୁହାଯାଏ ।

ଶୈଳୀ ବାଚିକ ସ୍ତରଠାରୁ ଆରମ୍ଭ କରି ଲିଖିତ ସ୍ତର ପର୍ଯ୍ୟନ୍ତ ଏବଂ ସାହିତ୍ୟ ସ୍ତରଠାରୁ ଆରମ୍ଭ କରି ସହିତ୍ୟୋତର ସ୍ତର ପର୍ଯ୍ୟନ୍ତ ବ୍ୟାପ୍ତ। Furdinan de Saussure

ଶୈଳୀ କ୍ଷେତ୍ରରେ 'ଲାଙ୍ଗ'(Langue) ଓ 'ପ୍ୟାରୋଲ୍' (Parole) ଭୂମିକାକୁ ଗୁରୁତ୍ୱ ଦେଇଛନ୍ତି। " ସେ ଲାଙ୍ଗକୁ ମନୁଷ୍ୟ ଦ୍ୱାରା ଉଚ୍ଚାରିତ ବିଭିନ୍ନ ଧ୍ୱନିମାନଙ୍କର ପରିକଳ୍ପନା ବୋଲି କହିଛନ୍ତି ଏବଂ ସାମାଜିକ ସ୍ୱୀକୃତି ପାଇଥିବା ଏହି ଧ୍ୱନିଶୃଙ୍ଖଳା, ଯାହା ବ୍ୟକ୍ତିବିଶେଷର କଥନ ଭାବରେ ପ୍ରକାଶ ଲାଭ କରେ ତାହାକୁ 'ପ୍ୟାରୋଲ' ବୋଲି କହିଛନ୍ତି।" (ଓଡ଼ିଆ ରୂପାନ୍ତର, ମଧୁସୂଦନ ପତି ଏବଂ ଅଶୋକ କୁମାର ମହାପାତ୍ର, ଆଧୁନିକ ଓଡ଼ିଆ କବିତାର ଶୈଳୀତାତ୍ତ୍ୱିକ ସମାଲୋଚନା, ପୃ-୩)। ଅର୍ଥାତ୍ କୌଣସି ଲେଖକଙ୍କର ମସ୍ତିଷ୍କରେ ସଞ୍ଚିତ ହୋଇଥିବା ତାଙ୍କ ମାତୃଭାଷା 'ବୋଲି'ର ସାଧାରଣ ନିୟମଗୁଡ଼ିକର ବ୍ୟବସ୍ଥା ହେଉଛି 'ଲାଙ୍ଗ' ଏବଂ 'ଲାଙ୍ଗ'ର ବ୍ୟାବହାରିକ (applied) ଦିଗଟି 'ପ୍ୟାରୋଲ'। 'ପ୍ୟାରୋଲ' ହେଉଛି ଶୈଳୀର ଏକ ସ୍ୱାଭାବିକ କ୍ଷେତ୍ର। ଅପରପକ୍ଷରେ ସାହିତ୍ୟସ୍ରଷ୍ଟାଙ୍କର ଯୁଗ ଓ ସୃଷ୍ଟିରୂପ ପର୍ଯ୍ୟନ୍ତ ଶୈଳୀର କ୍ଷେତ୍ର ବିସ୍ତୃତ ବୋଲି କେତେକ ସମାଲୋଚକ କହିଥାନ୍ତି।

ଶୈଳୀର ପ୍ରକାରଭେଦ କ୍ଷେତ୍ରରେ ମଧ୍ୟ ନାନା ମତ ରହିଛି।

୧. ସାହିତ୍ୟସ୍ରଷ୍ଟାଙ୍କର ବ୍ୟକ୍ତିଗତ ବୈଶିଷ୍ଟ୍ୟକୁ ଭିତ୍ତି କରି ବୈୟକ୍ତିକଶୈଳୀର ନାମକରଣ ହୋଇଛି। ଓଡ଼ିଆ ସାହିତ୍ୟରେ ଫକୀରମୋହନ, ଗୋପାଳ ଚନ୍ଦ୍ର ପ୍ରହରାଜ, ସୁରେନ୍ଦ୍ର ମହାନ୍ତି, ଗୋପୀନାଥ ମହାନ୍ତି, ମନୋଜ ଦାସ ଆଦିଙ୍କ ସାହିତ୍ୟ ସୃଷ୍ଟିରେ ଏହି ପ୍ରକାର ଶୈଳୀ ଲକ୍ଷିତ।

୨. ଯେଉଁ ଶୈଳୀରେ କଳାତ୍ମକତାର ଛାପ ଅଙ୍କିତ ହୋଇଥାଏ, ତାହାକୁ କଳାତ୍ମକ ଶୈଳୀ କୁହାଯାଏ। କଳାତ୍ମକତାର ବହୁଳ ପ୍ରୟୋଗ ହେତୁ ଏହି ସ୍ତରୀୟ ଶୈଳୀରେ ଅନ୍ୟ ମାନକଗୁଡ଼ିକୁ ଉପେକ୍ଷା କରାଯାଇ କଳାତ୍ମକତାର ମାନକକୁ ଗୁରୁତ୍ୱ ଦିଆଯାଇଥାଏ ।

୩. ରାଷ୍ଟ୍ରର ସାଂସ୍କୃତିକ, ସାମାଜିକ ପ୍ରଥା ପ୍ରଭୃତିକୁ ନେଇ ରାଷ୍ଟ୍ରୀୟ ଅଭିଲକ୍ଷଣାତ୍ମକ ଶୈଳୀ ପ୍ରସ୍ତୁତ ହୋଇଥାଏ ।

ଏସବୁ ବ୍ୟତୀତ ଆହୁରି ଅନେକ ପ୍ରକାର ଶୈଳୀର ଦୃଷ୍ଟାନ୍ତ ରହିଛି। ବିଭିନ୍ନ ସାହିତ୍ୟ କୃତିର ସାମଗ୍ରିକ ପ୍ରସ୍ତୁତିକୁ ଲକ୍ଷ୍ୟ କରି ପ୍ରଚାରାତ୍ମକ ଶୈଳୀ, ବୈଜ୍ଞାନିକ ଗଦ୍ୟ ଶୈଳୀ, ଲଳିତନିବନ୍ଧମୂଳକ ଶୈଳୀ, କାର୍ଯ୍ୟାଳୟ ପତ୍ରାତ୍ମକ ଶୈଳୀ,ସର୍ବଜନୀନ ଶୈଳୀ, ସମାଚାର ପତ୍ରାତ୍ମକ ଶୈଳୀ, ବାର୍ତ୍ତାଳାପମୂଳକ ଶୈଳୀ, ବକ୍ତୃତାମୂଳକ ଶୈଳୀ, ଔପଚାରିକ ଶୈଳୀ, ବ୍ୟାଖ୍ୟାତ୍ମକ ଶୈଳୀ, ଭାବାତ୍ମକ ଶୈଳୀ, ବକ୍ତାକୈନ୍ଦ୍ରିକ ଶୈଳୀ, ଶ୍ରୋତାକୈନ୍ଦ୍ରିକ ଶୈଳୀ ଏବଂ ସଙ୍କେତମୂଳକ ଶୈଳୀ ପ୍ରଭୃତି ଶୈଳୀ ସାହିତ୍ୟରେ ଦୃଷ୍ଟିଗୋଚର ହୋଇଥାଏ ।

ଭାଷା ବ୍ୟବହାରରେ ଥିବା ବୈବିଧ୍ୟର ତଥା ବୈଶିଷ୍ଟ୍ୟର ବିଶ୍ଲେଷଣ ପଦ୍ଧତି ହିଁ ଶୈଳୀବିଜ୍ଞାନ। ଭାଷା, ଧ୍ୱନି, ଶବ୍ଦାଦି ସହ ଯୁକ୍ତ ହୋଇ କଳାକର୍ମର ସୌନ୍ଦର୍ଯ୍ୟ ବର୍ଦ୍ଧନରେ ସହାୟକ ହୋଇଥାଏ। ଶୈଳୀବିଜ୍ଞାନ ଦ୍ୱାରା ସାହିତ୍ୟ ଭାଷାର ସୌନ୍ଦର୍ଯ୍ୟମୂଳକ ବ୍ୟାଖ୍ୟା କରିବା ସମ୍ଭବ ହୋଇଥାଏ। 'ସାହିତ୍ୟ ମୂଳତଃ ଏକ ଭାଷିକ କଳା। ଏଣୁ ସାହିତ୍ୟ ସମୀକ୍ଷାର ମୁଖ୍ୟ ବାସ୍ତବରୂପ ଭାଷିକ ସମୀକ୍ଷାରେ ହିଁ ଉପଲବ୍ଧ ହୋଇଥାଏ।' (ଶୈଳୀବିଜ୍ଞାନ ଡ. ନଗେନ୍ଦ୍ର, ପ୍ରକାଶକ ନେସ୍‌ନାଲ ପବ୍ଲିଶିଂ ହାଉସ୍, ଦରିୟାଗଞ୍ଜ,ନୂଆଦିଲ୍ଲୀ – ୧୯୯୩) ।

Roman Jakobson ଶୈଳୀବିଜ୍ଞାନକୁ ଭାଷାବିଜ୍ଞାନର ଅନ୍ତର୍ଗତ ବୋଲି କହିଛନ୍ତି। ତାଙ୍କ ମତରେ ଭାଷିକ ଭିତ୍ତିକୁ ସୁଦୃଢ଼, ସୁମାର୍ଜିତ ଓ ଚିତ୍ତାକର୍ଷକ କରି ଗଢ଼ି ତୋଳିବା ହିଁ ଶୈଳୀବିଜ୍ଞାନର ମୁଖ୍ୟ କର୍ମ। ଏହା ଦ୍ୱାରା ରଚନାରେ ଭାଷାବିଜ୍ଞାନମୂଳକ ସୌନ୍ଦର୍ଯ୍ୟ ପ୍ରକଟିତ ହୋଇଥାଏ।

ଶୈଳୀବିଜ୍ଞାନରେ ଭାଷିକପକ୍ଷକୁ ବାଦ୍ ଦେଲେ ଆଉ ଏକ ପକ୍ଷ ସମ୍ମୁଖକୁ ଆସେ। ତାହା ହେଉଛି ସାହିତ୍ୟ ପକ୍ଷ। ଏହା ମଧ୍ୟ ଶୈଳୀବିଜ୍ଞାନର ବୈଚିତ୍ର୍ୟ ସଂପାଦନ କରିଥାଏ। ଶୈଳୀବିଜ୍ଞାନ ବିଶ୍ଲେଷଣ ସଂପର୍କରେ ଲୀଚ୍, ବାନ୍ ପିଅର, କେ.ଟି. ବେଲ୍‌ସ ପ୍ରମୁଖ ଏକ ସୁନ୍ଦର କଥା କହିଛନ୍ତି; ତାହା ହେଉଛି – କୌଣସି ପାଠ (ସାହିତ୍ୟକର୍ମ)ରେ ଦୁଇଟି ସ୍ତର ରହିଥାଏ, ଯଥା – ଆଭ୍ୟନ୍ତରୀଣ ସ୍ତର ଏବଂ ବାହ୍ୟ ସ୍ତର। ଆଭ୍ୟନ୍ତରୀଣ ସ୍ତରଟି ଭାଷିକ ବୈଶିଷ୍ଟ୍ୟ ସହିତ ସଂପୃକ୍ତ ହୋଇ ରହିଥିବା ସ୍ଥଳେ ବାହ୍ୟ ସ୍ତରଟି ସାହିତ୍ୟିକ ବୈଶିଷ୍ଟ୍ୟ ସହିତ ସଂପୃକ୍ତ ହୋଇ ରହିଥାଏ। ଶୈଳୀବୈଜ୍ଞାନିକ ବିଶ୍ଲେଷଣ ସମୟରେ ଏ ଦୁଇ ସ୍ତରର ବୈଶିଷ୍ଟ୍ୟକୁ ସମ୍ମୁଖୀକୃତ କରାଇବା ପାଇଁ ଶୈଳୀ ବିଶ୍ଲେଷକମାନେ ଉଦ୍ୟମ କରିଥାନ୍ତି ।

ଶୈଳୀବିଜ୍ଞାନର ମୁଖ୍ୟତଃ ଦୁଇଟି ଶାଖା ଥାଏ। ଯଥା – ଭାଷାବିଜ୍ଞାନମୂଳକ ଶୈଳୀବିଜ୍ଞାନ (Linguistic-Sylistics) ଏବଂ ସାହିତ୍ୟିକ ଶୈଳୀବିଜ୍ଞାନ (Literary-Stylistics)। ଭାଷାବିଜ୍ଞାନମୂଳକ ଶୈଳୀବିଜ୍ଞାନ ପୁଣି ଦୁଇ ଭାଗରେ ବିଭକ୍ତ। ଯଥା – ପାରମ୍ପରିକ ଭାଷାବିଜ୍ଞାନମୂଳକ ଶୈଳୀବିଜ୍ଞାନ ଏବଂ ବ୍ୟତିକ୍ରମମୂଳକ ଭାଷାବିଜ୍ଞାନମୂଳକ ଶୈଳୀବିଜ୍ଞାନ। କୌଣସି ଲେଖକଙ୍କର ରଚନାରେ ପରମ୍ପରାକ୍ରମେ ପ୍ରଚଳିତ ହୋଇଆସୁଥିବା ଧ୍ୱନି, ଶବ୍ଦ, ରୂପ, ବାକ୍ୟ, କଥନିକା ପ୍ରଭୃତିର ପ୍ରୟୋଗ କ୍ଷେତ୍ରରେ କୌଣସି ପରିବର୍ତ୍ତନ, ଉଲଂଘନ ସଂଘଟିତ ନ ହେଲେ ତାହାକୁ ପାରମ୍ପରିକ ଭାଷାବିଜ୍ଞାନମୂଳକ ଶୈଳୀବିଜ୍ଞାନ କୁହାଯାଏ। ଅପରପକ୍ଷରେ ପରମ୍ପରା କ୍ରମେ ପ୍ରଚଳିତ ହୋଇ ଆସୁଥିବା ଧ୍ୱନି, ଶବ୍ଦ, ବାକ୍ୟ ପ୍ରଭୃତିର ବ୍ୟବସ୍ଥିତ (Settled) ପ୍ରୟୋଗ ପଦ୍ଧତିରେ ଉଲ୍ଲଂଘନ ସୃଷ୍ଟି କଲେ ଲେଖକଙ୍କର ସାହିତ୍ୟ କୃତିରେ ବ୍ୟତିକ୍ରମମୂଳକ ଭାଷିକ ଶୈଳୀବିଜ୍ଞାନର ବୈଶିଷ୍ଟ୍ୟ ସୃଷ୍ଟି ହେଲା ବୋଲି କୁହାଯାଏ। ସାହିତ୍ୟିକ ଶୈଳୀବିଜ୍ଞାନ ମଧ୍ୟ ପାରମ୍ପରିକ ଏବଂ ବ୍ୟତିକ୍ରମମୂଳକ ରୀତିରେ ଦ୍ୱିବିଧ। ପାରମ୍ପରିକ ସାହିତ୍ୟିକ ଶୈଳୀବିଜ୍ଞାନ ପରମ୍ପରାକ୍ରମେ ପ୍ରଚଳିତ ହୋଇ ଆସୁଥିବା ସାହିତ୍ୟତାତ୍ତ୍ୱିକ ସିଦ୍ଧାନ୍ତର ମାନକକୁ ଉଲ୍ଲଂଘନ ନକରି ତାହାକୁ ଅବିକୃତ ଭାବରେ ସାହିତ୍ୟ ସୃଷ୍ଟିରେ ଧରିରଖିଥାଏ। କିନ୍ତୁ ବ୍ୟତିକ୍ରମମୂଳକ ସାହିତ୍ୟିକ ଶୈଳୀବିଜ୍ଞାନରେ ସାହିତ୍ୟତାତ୍ତ୍ୱିକ ସିଦ୍ଧାନ୍ତର ମାନକକୁ ଭାଙ୍ଗିଦେଇ, ତାହାରି ସ୍ଥାନରେ ଆଉ ଏକ ବ୍ୟତିକ୍ରମମୂଳକ ସାହିତ୍ୟିକ ଉପାଦାନକୁ ସଂଯୁକ୍ତ କରାଯାଇଥାଏ।

ପାରମ୍ପରିକଶୈଳୀବିଜ୍ଞାନବିଶ୍ଳେଷଣବିଭାଗରେଯେଉଁସବୁ ସ୍ତର କ୍ରମାନ୍ୱୟରେ ନିରୂପିତ ହୋଇଥାଏ, ସେହିଗୁଡ଼ିକ ଏହିପରି – ଧ୍ୱନିସ୍ତର, ଶବ୍ଦସ୍ତର, ରୂପସ୍ତର, ବାକ୍ୟସ୍ତର, କଥନିକାସ୍ତର ପ୍ରଭୃତି। ପାରମ୍ପରିକ ଭାଷାବିଜ୍ଞାନମୂଳକ ଶୈଳୀବିଜ୍ଞାନର ପରିସରକୁ ନିମ୍ନୋକ୍ତମତେ ବିଶ୍ଳେଷଣ କରାଯାଇପାରେ ।

ଧ୍ୱନ୍ୟାନୁକାରୀ ଶବ୍ଦ, ବୈୟକ୍ତିକ–ବୈଶିଷ୍ଟ୍ୟ, ଲୟ, ଅନୁପ୍ରାସାତ୍ମକ ଧ୍ୱନିମୂଳକ ବୈଶିଷ୍ଟ୍ୟ, ଲାଳିକାମୂଳକ ଉପସ୍ଥାପନା, ଶ୍ଳେଷୋକ୍ତି (PUN) ଇତ୍ୟାଦି ଧ୍ୱନିସ୍ତରୀୟ ଶୈଳୀ ବିଶ୍ଳେଷଣ ପାଇଁ; ତତ୍ସମ, ଅର୍ଦ୍ଧତତ୍ସମ, ତଦ୍ଭବ, ଦେଶଜ, ବୈଦେଶିକ ଶବ୍ଦ ଇତ୍ୟାଦି ତଥା ନବନିର୍ମିତ ଶବ୍ଦ, ବିଶେଷ ଉଦ୍ଦେଶ୍ୟମୂଳକ ଶବ୍ଦ, ଭାବାତ୍ମକ ରୂପବିକାରଯୁକ୍ତ ଶବ୍ଦ, ପ୍ରତ୍ୟୟଯୁକ୍ତ ଶବ୍ଦ, ଆଞ୍ଚଳିକ ଶବ୍ଦ ଇତ୍ୟାଦି ଶବ୍ଦସ୍ତରୀୟ ଶୈଳୀ ବିଶ୍ଳେଷଣ ପାଇଁ; ଏକକ ପଦଯୁକ୍ତ ବାକ୍ୟ, କ୍ଷୁଦ୍ରବାକ୍ୟ, ରୂଢ଼ିଯୁକ୍ତ ବାକ୍ୟ, ସୂକ୍ତିମୂଳକ ବାକ୍ୟ, କାବ୍ୟିକ ବାକ୍ୟ, ବିଶେଷଣପଦଯୁକ୍ତ ବାକ୍ୟ, ଉପମାଯୁକ୍ତ ବାକ୍ୟ, ରୂପକଯୁକ୍ତ ବାକ୍ୟ, ଚିତ୍ରକଳ୍ପଯୁକ୍ତ ବାକ୍ୟ, ସମ୍ବୋଧନସୂଚକ ବାକ୍ୟ, ବିସ୍ମୟସୂଚକ ବାକ୍ୟ, ସଂଳାପଯୁକ୍ତ ବାକ୍ୟ, ସ୍ୱଗତୋକ୍ତିଯୁକ୍ତ ବାକ୍ୟ ଇତ୍ୟାଦି ବାକ୍ୟସ୍ତରୀୟ ଶୈଳୀ ବିଶ୍ଳେଷଣ ପାଇଁ; ଧ୍ୱନ୍ୟାନୁକାରୀ ଶବ୍ଦଯୁକ୍ତ କଥନିକା, ତତ୍ସମ ଶବ୍ଦଯୁକ୍ତ କଥନିକା, ବୈଦେଶକ ଶବ୍ଦଯୁକ୍ତ କଥନିକା ପ୍ରଭୃତିର କଥନିକା ସ୍ତରୀୟ ଶୈଳୀ ବିଶ୍ଳେଷଣ ପାଇଁ ଅବଲମ୍ବ ହୋଇଥାଏ। ଅଧ୍ୟୟନ କର୍ମକୁ ଅବ୍ୟାହତ ରଖି ତାହା ଦ୍ୱାରା କିପରି ଭାଷାବିଜ୍ଞାନମୂଳକ ଶୈଳୀୟ ଉତ୍କର୍ଷ ସାଧିତ ହୋଇଥାଏ, ତାହାକୁ ପାରମ୍ପରିକ ଭାଷାବିଜ୍ଞାନମୂଳକ ଶୈଳୀବୈଜ୍ଞାନିକ ବିଶ୍ଳେଷଣ ଦ୍ୱାରା ମୂଲ୍ୟାୟିତ କରାଯାଇଥାଏ।

ପାରମ୍ପରିକ ସାହିତ୍ୟିକ ଶୈଳୀବିଜ୍ଞାନରେ ସାହିତ୍ୟସୃଷ୍ଟିରେ ଥିବା ପାରମ୍ପରିକ ଶୈଳୀୟ ଉପାଦାନଗୁଡ଼ିକୁ ଅନ୍ୱେଷଣ କରି ବିଶ୍ଳେଷଣ କରାଯାଏ। ସ୍ରଷ୍ଟା ଯେତେବେଳେ ସାହିତ୍ୟକର୍ମରେ ଅନୁପ୍ରବିଷ୍ଟ ହୁଅନ୍ତି, ସେତେବେଳେ ସେ ଜ୍ଞାତସାରରେ ବା ଅଜ୍ଞାତସାରରେ ପୂର୍ବରୁ ପ୍ରଚଳିତ ହୋଇଆସୁଥିବା କେତେକ ସାହିତ୍ୟିକ ଉପାଦାନ ତଥା ଶୈଳୀ ପ୍ରଭୃତିକୁ କଳାକର୍ମରେ ସଂଯୋଜିତ କରି ଚାରୁତା ନିଷ୍ପନ୍ନ କରାଇଥାନ୍ତି। ଏହା ଦ୍ୱାରା କଥ୍ୟବସ୍ତୁଟି ଅତ୍ୟନ୍ତ ପ୍ରସଙ୍ଗୋପଯୋଗୀ ହୋଇଉଠିଥାଏ। ଏହି ବିଭାଗଟିକୁ ବଳିଷ୍ଠ କରି ଗଢ଼ି ତୋଳିବା ପାଇଁ ସାହିତ୍ୟସ୍ରଷ୍ଟାମାନେ ଯେଉଁ ଉପାଦାନଗୁଡ଼ିକୁ ନିଜ ନିଜ ସୃଷ୍ଟିରେ ଗ୍ରଥିତ କରିଥାନ୍ତି, ସେଗୁଡ଼ିକ ମଧ୍ୟରୁ ଲୋକବିଦ୍ୟାମୂଳକ ଉପାଦାନ (ଲୋକୋକ୍ତି, ଢଗଢମାଳି, ପ୍ରବଚନ, ଲୋକକାହାଣୀ) ଇତିହାସ, ଧର୍ମଗ୍ରନ୍ଥ, ଅର୍ଥଶାସ୍ତ୍ର, ରାଜନୀତିବିଜ୍ଞାନ, ପରିଚ୍ଛେଦର ନାମକରଣ, ଚରିତ୍ରମାନଙ୍କର ନାମକରଣ, ବିଷୟବସ୍ତୁ ନିର୍ବାଚନ, ସ୍ଥାନ-କାଳ-ପାତ୍ର ନିରୂପଣ ପ୍ରଭୃତିକୁ ପାରମ୍ପରିକ-ସାହିତ୍ୟିକ ଶୈଳୀବିଜ୍ଞାନମୂଳକ ବିଶ୍ଳେଷଣର ପରିସରଭୁକ୍ତ କରାଯାଇପାରେ।

ବ୍ୟତିକ୍ରମମୂଳକ ଶୈଳୀବୈଜ୍ଞାନିକ ବିଶ୍ଳେଷଣ ହେଉଛି, ଶୈଳୀବିଜ୍ଞାନର ଏକ ବିଶେଷ ଧାରା। ଏହି ବିଶ୍ଳେଷଣ ଦ୍ୱାରା ସ୍ରଷ୍ଟାଙ୍କ ସୃଷ୍ଟିରେ ନିହିତ ଥିବା ବ୍ୟତିକ୍ରମମୂଳକ ମୌଳିକ-ବୈଶିଷ୍ଟ୍ୟଗୁଡ଼ିକ ଉଦ୍‌ଘାଟିତ ହୋଇଥାଏ। କିନ୍ତୁ ଏହା ପୂର୍ବସୂଚିତ ପାରମ୍ପରିକ ଶୈଳୀବିଜ୍ଞାନ (ଭାଷିକ ଓ ସାହିତ୍ୟିକ)ଠାରୁ ସଂପୂର୍ଣ୍ଣ ଭିନ୍ନ। ସ୍ରଷ୍ଟାଙ୍କ କଳାକୌଶଳରେ ପ୍ରକୃତ ମହାଜନୀ ଏଇ ବିଭାଗରେ ଖୋଜାହୁଏ। ସ୍ରଷ୍ଟା କାହିଁକି ଏବଂ କ'ଣ ପାଇଁ ପାରମ୍ପରିକତାକୁ ଉଲଂଘନ କଲେ, ଉଲଂଘନ ହେତୁରୁ ଯେଉଁ ବ୍ୟତିକ୍ରମ ଉପସ୍ଥିତ ହେଲା, ତାହା ସ୍ଥାନ-କାଳ-ପାତ୍ରର ପ୍ରାସଙ୍ଗିକତା ସହିତ ଯଥୋପଯୁକ୍ତ ଭାବରେ ତାଳମେଳ ଓ ସଂଗତି ରକ୍ଷା କଲା କି ନାହିଁ ତଥା ସ୍ରଷ୍ଟା ଏହାକୁ ନେଇଆଣି ଠିକ୍‌ଭାବରେ ଥୋଇପାରିଲେ କି ନାହିଁ – ଏ ସମସ୍ତ କଥାକୁ ଖୁଣ୍ଟି ନାଣ୍ଟି ପର୍ଯ୍ୟବେକ୍ଷଣ କରି ସାରିବା ପରେ ବିଶ୍ଳେଷଣ କାର୍ଯ୍ୟରେ ହାତ ଦିଆଯାଏ। ଏପରିକି ଏକ ବିଭାଗରେ ସମ୍ମୁଖକୁ ଆସିଥିବା ସ୍ରଷ୍ଟାଙ୍କର ସୃଷ୍ଟିଜନିତ ଦୋଷାଦୋଷ ପଛରେ ବି ଯେଉଁ ସତ୍ୟତା ଲୁଚିରହିଛି ଏବଂ ତାହା ଶୈଳୀଗତ ସୌଷ୍ଠବ ପ୍ରତିପାଦନ କରିବାରେ କିପରି ସହଯୋଗ କରିଛି ସେ କଥାକୁ ମଧ୍ୟ ସମ୍ୟକ୍ ଦୃଷ୍ଟିରେ ବିଶ୍ଳେଷଣ ପରିସରଭୁକ୍ତ କରାଯାଇଥାଏ ।

ବ୍ୟତିକ୍ରମମୂଳକ ଶୈଳୀବିଜ୍ଞାନ ବିଭାଗରେ ପ୍ରଚଳିତ ହୋଇଆସୁଥିବା ପାରମ୍ପରିକ ପଦ୍ଧତିର ଧାରା କିପରି ଉଲଂଘନ ହୋଇ ଅନନ୍ୟ ଆକର୍ଷଣ ସୃଷ୍ଟି କରିଛି, ସେ ସଂପର୍କରେ ଖୋଜତଲାସ କରାଯାଏ। ଏହି ଉଲଂଘନ ଯୋଗୁଁ ସାହିତ୍ୟ କର୍ମରେ ଏକ ବିଶେଷ ଶୈଳୀକୀୟ ବୈବିଧ ପ୍ରତିଷ୍ଠା ହୋଇଥାଏ। ତାହାକୁ ଓଡ଼ିଆ ଶୈଳୀବିଜ୍ଞାନୀମାନେ 'ଅଗ୍ରାଧିକରଣ' ବା 'ସମ୍ମୁଖୀକରଣ' (କାବ୍ୟିକ ଭାଷା, ଖଗେଶ୍ୱର ମହାପାତ୍ର ଓ ବିଶ୍ୱମ୍ଭର ପଟେଲ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ପ୍ରଥମ ସଂସ୍କରଣ – ୧୯୮୫), 'ପୁରୋବର୍ତ୍ତୀ କରଣ' (ଆଧୁନିକ ଓଡ଼ିଆ କବିତାର ଶୈଳୀତାତ୍ତ୍ୱିକ ଆଲୋଚନା, ମଧୁସୂଦନ ପତି ଏବଂ ଅଶୋକ କୁମାର ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୮୫, ପୃ-୩୧), ହିନ୍ଦୀ ଶୈଳୀବିଜ୍ଞାନୀମାନେ 'ପେଶବନ୍ଦୀ' (ମିଶ୍ର, ୧୯୭୩), 'ଅଗ୍ରଗାମିତା' (ଶ୍ରୀବାସ୍ତବ - ୧୯୭୯), 'ଅଗ୍ରପ୍ରସ୍ତୁତି' (ଶର୍ମା – ୧୯୭୪) ଏବଂ ଶୀତାଂଶୁ ୧୯୮୪ (ଶୈଳୀ ଔର ଶୈଳୀ ବିଶ୍ଳେଷଣ, ଶଶିଭୂଷଣ ଶୀତାଂଶୁ, ବାଣୀ ପ୍ରକାଶନ, ୧୯୯୬, ପୃ-୧୩୨) ଏବଂ ଇଂରାଜୀ ଶୈଳୀ ବିଜ୍ଞାନୀମାନେ 'FOREGROUNDING ବୋଲି କହିଥାନ୍ତି | 'FOREGROUNDING' ଶବ୍ଦଟିର ମୂଳଶବ୍ଦ ହେଉଛି ଚେକ୍‌ଶବ୍ଦ "AKTUALISACE", ଯାହାକୁ ପରେ ଗାର୍ବିନ 'FOREGROUNDING' ବୋଲି କହିଛନ୍ତି ।

ସାହିତ୍ୟକୃତିର ଭାଷିକ ସଂରଚନା ଏବଂ ସାହିତ୍ୟିକ ସଂରଚନା ପାଇଁ ପ୍ରତ୍ୟେକ ଭୂଖଣ୍ଡରେ ଏକ ଶୃଙ୍ଖଳିତ ବ୍ୟବସ୍ଥା ରହିଥାଏ। ଭାଷିକ ସଂରଚନା ସ୍ତରରେ ଏହି ବିଧିବ୍ୟବସ୍ଥା 'ବ୍ୟାକରଣିକ ନିୟମ ନିର୍ଭରଶୀଳତା' ଦ୍ୱାରା ହିଁ ନିୟନ୍ତ୍ରିତ ହୋଇଥାଏ। ଭାଷାରେ ଏହି ବ୍ୟବସ୍ଥାଟି ମାନକ ରୂପରେ ସମସ୍ତଙ୍କ ଦ୍ୱାରା ସ୍ୱୀକୃତ ହୋଇଥାଏ। ସାହିତ୍ୟିକଶୈଳୀ ସଂରଚନା କ୍ଷେତ୍ରରେ ମଧ୍ୟ ଏକ ବିସ୍ତୃତ ଅଞ୍ଚଳରେ କେତେକ ସାହିତ୍ୟିକ ସାମାଜିକ ସାଂସ୍କୃତିକ ବିଧିବ୍ୟବସ୍ଥା ରହିଥାଏ।

ଏହି ବ୍ୟବସ୍ଥାର ନିୟନ୍ତ୍ରଣରେ ପରିଚାଳିତ ହୋଇ ଲେଖକ ସାହିତ୍ୟ ରଚନା କରନ୍ତି। କିନ୍ତୁ କେତେକ ସ୍ଥଳରେ ନିଜ ନିଜ ସାହିତ୍ୟସୃଷ୍ଟିରେ ବୈବିଧ ସୃଷ୍ଟି କରିବା ପାଇଁ ଭାଷିକମାନକ କିମ୍ବା ସାହିତ୍ୟ ସିଦ୍ଧାନ୍ତଜନିତ ମାନକକୁ ଉଲଂଘନ କରିଥାନ୍ତି। ଏହା ଦ୍ୱାରା ଭାଷାର ବ୍ୟବହାର ବିଧି, ଭାଷିକ ଉପାଦାନଗତ ବୈଶିଷ୍ଟ୍ୟ, ସାହି ତ୍ୟସିଦ୍ଧାନ୍ତ ସଂପର୍କିତ ବ୍ୟାବହାରିକ ନୀତି ନିୟମ ପ୍ରଭୃତି (VIOLATED) ଲଂଘିତ ହୁଏ। ବକ୍ତବ୍ୟର ଏହି ଲଂଘିତ ରୂପ ହିଁ 'ଅଗ୍ରାଧିକରଣ' ବା 'ସମ୍ମୁଖୀକରଣ' (FOREGROUNDING)। ଏହା ଦ୍ୱାରା ରଚନାରେ ଅପୂର୍ବ ଶୈଳୀଗତ ସୌନ୍ଦର୍ଯ୍ୟ ପ୍ରସ୍ଫୁଟନ ହୁଏ ।

୧୯୩୨ ମସିହାରେ B. Havranek ମାନକଭାଷାର କୌଶଳପୂର୍ଣ୍ଣ ବ୍ୟତିକ୍ରମମୂଳକ ପ୍ରୟୋଗଦ୍ୱାରା ପାଠକର ଧ୍ୟାନ କିପରି ଆକର୍ଷିତ ହୋଇଥାଏ, ସେ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବକ୍ତବ୍ୟରେ ବ୍ୟତିକ୍ରମ ଘଟିଲେ ଅସାଧାରଣତା (Uncommonness), ନୂତନତା (Novelty), ଅପ୍ରତ୍ୟାଶିତତା (Unexpectedness), ଅରୀତିକତା (Unusualness), ବିଚିତ୍ରତା (Uniqueness) ପ୍ରଭୃତି ଉପୁନ୍ନ ହୋଇ ଅପୂର୍ବ ଶୈଳୀୟସୌନ୍ଦର୍ଯ୍ୟ ନିଷ୍ପାଦନ ହୁଏ ବୋଲି ମୁକାରୋବସ୍କି କହିଛନ୍ତି। ସାହିତ୍ୟରେ ଏ ଧରଣର 'ସମ୍ମୁଖୀକରଣ' ବା 'ଶୈଳୀୟବୈଚିତ୍ର୍ୟ'କୁ ସେ ସଂରଚିତ-ସୌନ୍ଦର୍ଯ୍ୟାତ୍ମକ ( Structural-aesthetic) ଉପାଦାନ ବୋଲି ମତବ୍ୟକ୍ତ କରିଛନ୍ତି। ସମ୍ମୁଖୀକରଣରେ ଚାରିଗୋଟି ମୁଖ୍ୟ ଉପାଦାନ ରହିଛି। ସେଗୁଡ଼ିକ ହେଲା ବିଚ୍ୟୁତି (Deviation), ବିପଥନ (Deflection), ସମାନ୍ତରତା (Parallelism) ଏବଂ ବିରଳତା (Rarity)। ଏ ଚାରୋଟି ଶୈଳୀ ବିଶ୍ଳେଷଣମୂଳକ ଉପାଦାନ ସଂପର୍କରେ ନିମ୍ନରେ କିଛି ସୂଚନା ଦିଆଯାଉ ।

୧. ବିଚ୍ୟୁତି – ବିଚ୍ୟୁତିକୁ ଇଂରାଜୀରେ Deviation କୁହାଯାଏ। ରଚନାର କୌଣସି ଅଂଶରେ ଯେତେବେଳେ ବ୍ୟାକରଣମୂଳକ ମାନକରେ ଉଲଂଘନ ହୁଏ, ସେତେବେଳେ ସେଠାରେ ବିଚ୍ୟୁତି ନିଷ୍ପନ୍ନ ହୋଇଥାଏ। ପ୍ର. ଖଗେଶ୍ୱର ମହାପାତ୍ର ଏବଂ ବିଶ୍ୱମ୍ଭର ପଟେଲ ବିଚ୍ୟୁତି ସମ୍ପର୍କରେ ମତବ୍ୟକ୍ତ କରି କହିଛନ୍ତି – " ଭାଷାର ସାଧାରଣ ନିୟମର ବ୍ୟତିକ୍ରମ ମାଧ୍ୟମରେ ହିଁ ଶୈଳୀ ବିବର୍ତ୍ତିତ ହୁଏ। କୌଣସି ଏକ ପ୍ରସଙ୍ଗର ସାମ୍ପ୍ରିଧାନିକ ଏକ ଆଦର୍ଶରୁ ଓହରିଯିବାଟା (ଅମଡ଼ାବାଟରେ ମାଡ଼ିଯିବା) ହିଁ ଶୈଳୀତତ୍ତ୍ୱର ମୂଳ କଥା। (କାବ୍ୟିକ ଭାଷା, କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ, ପ୍ରଥମ ସଂସ୍କରଣ - ୧୯୮୫, ପୃ- ୧୧୦)।"

Geoffrey N. Leechଙ୍କ ମତରେ- "Deviation provides us with a working criterion (though not an exclusive criterion) for the selection of those linguistic features which are of literary significance."

Leech ସର୍ବପ୍ରଥମେ ବିଚ୍ୟୁତିକୁ ଦୁଇ ଭାଗରେ ବିଭକ୍ତ କରି ବ୍ୟାଖ୍ୟାକରିଛନ୍ତି। ଏ ସମ୍ପର୍କରେ ତାଙ୍କର ମନ୍ତବ୍ୟ ହେଲା – (a) When the language allows a choice, the poet goes outside the normally occurring range of choice and (b) When the language allows a choice, the same item in successive position. ସେ ବିସ୍ତାରିତ ଭାବରେ ଆଠ ପ୍ରକାର ବିଚ୍ୟୁତିରନାମୋଲ୍ଲେଖ କରିଛନ୍ତି –

(୧) ଶାବ୍ଦିକ (Lexical) ବିଚ୍ୟୁତି। (୨) ବ୍ୟାକରଣିକ (Grammatical) ବିଚ୍ୟୁତି। (୩) ସ୍ୱନବୈଜ୍ଞାନିକ (Phonological) ବିଚ୍ୟୁତି। (୪) ଲିପିମୂଳକ (Graphological) ବିଚ୍ୟୁତି। (୫) ଅର୍ଥୀୟ (Semantic) ବିଚ୍ୟୁତି। (2) ବିଭାଷିକ (Dialect-based) ବିଚ୍ୟୁତି ( ୭) ପ୍ରଯୁକ୍ତିମୂଳକ (Register-based) ବିଚ୍ୟୁତି (୮)ଐତିହାସିକକାଳମୂଳକ (Historical-period-based) ବିଚ୍ୟୁତି ।

ଏହି ବିଚ୍ୟୁତିକୁ ଆଧାର କରି ଧ୍ୱନି, ରୂପ, ଶବ୍ଦ, ବାକ୍ୟ ପ୍ରଭୃତି ସ୍ତରରେ କିପରି ଶୈଳୀୟ ସଚିତ୍ରତା ଫୁଟିଉଠିଥାଏ, ସେ କଥା ଶୈଳୀବିଶ୍ଳେଷକମାନେ ଉପସ୍ଥାପନ କରିଥାନ୍ତି ।

୨. ବିପଥନ – ବିପଥନ ଶବ୍ଦଟି ଇଂରାଜୀ Deflectionର ଓଡ଼ିଆ ରୂପାନ୍ତର। ଓଡ଼ିଆରେ ବିପଥ(ନ) ଶବ୍ଦଟି ଏକ ନିମ୍ନମାନର ଅର୍ଥକୁ ବୁଝାଇଥାଏ। କେହି ଖରାପ ରାସ୍ତାରେ ଗଲେ ବା ସ୍ଖଳିତ ହେଲେ ତାହାକୁ ବିପଥଗାମୀ ହେଲାବୋଲି କୁହାଯାଏ। କିନ୍ତୁ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ବିପଥନର ଅର୍ଥ ସଂପୂର୍ଣ ଭିନ୍ନ। ଏହାକୁ ଇଂରାଜୀ Deflectionର ସଂଜ୍ଞା ଅନୁସାରେ ବୁଝିବାକୁ ହେବ। ଏକ ଚିରାଚରିତ ଧାରାବାହିକତା କିମ୍ବା ଏକ ସାହିତ୍ୟସିଦ୍ଧାନ୍ତମୂଳକ ମାନକରୁ ଯେତେବେଳେ ସାହିତ୍ୟସ୍ରଷ୍ଟା ବିଚ୍ୟୁତ ହୋଇ ଭିନ୍ନ ଏକ ଅପ୍ରତ୍ୟାଶିତତା ଆଡ଼କୁ ନିଜ କଳାକୃତିର ଭାବପକ୍ଷ କିମ୍ବା କଳାପକ୍ଷକୁ ଘେନିଯାଆନ୍ତି, ସେତେବେଳେ ସେଠାରେ ବିପଥନ ସୃଷ୍ଟି ହୋଇଥାଏ। Deflectionର ଇଂରାଜୀ ସଂଜ୍ଞା ଅନୁସାରେ ନିମ୍ନୋକ୍ତ ବିନ୍ଦୁଗୁଡ଼ିକୁ ଏଠାରେ ଉପସ୍ଥାପନ କରାଯାଇପାରେ ।

ଯଥା -1- A sudden change in the direction that something is moving in, 2 the act of causing something to change direction, 3-a turning aside, 4-a deviation from a straight line.

ଗୋପାଳ ଚନ୍ଦ୍ର ପ୍ରହରାଜ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ରେ 'ବିପଥ' ଶବ୍ଦର ବିଭିନ୍ନ ଅର୍ଥ ନିରୂପଣ କରିବା ସମୟରେ ଯେଉଁ ଅମଡ଼ା ବା Unused or unbeaten track (ପୂ.ଓ.ଭା., ପୃ-୫୬୭୫) କଥା କହିଛନ୍ତି, ତାହାର ପାଖାପାଖି ଅର୍ଥ ହେଉଛି ଏହି 'ବିପଥନ'। ଏଇ ଶବ୍ଦଟିକୁ ଯଦି ଭଙ୍ଗାଯାଏ ତେବେ ତାହା 'ବି-ପଥ୍+ଅନ' ହେବ। ଏହାର ଅର୍ଥ ଯେଉଁ ପଥ ବା ରାସ୍ତାକୁ ଅନ୍ୟ କେହି ବ୍ୟବହାର କରି ନାହାନ୍ତି ।

ଶୈଳୀ ବିଶ୍ଳେଷଣ କ୍ଷେତ୍ରରେ ବିପଥନର ଭୂମିକା ଅତ୍ୟନ୍ତ

ଗୁରୁତ୍ୱପୂର୍ଣ୍ଣ ମନେହୁଏ। ବିଚ୍ୟୁତି (Deviation) ହେଉଛି ଶୈଳୀ ବିଶ୍ଳେଷଣ ଆଭ୍ୟନ୍ତରୀଣ ବିଚଳନ। ଅର୍ଥାତ୍ ବ୍ୟାକରଣତ ନୀତିନିୟମ ବା ମାନକ ଯେତେବେଳେ ଉଲଂଘିତ ହୁଏ, ସେତେବେଳେ ଭାଷିକ ସ୍ତରରେ ବିଚ୍ୟୁତି ଦେଖାଦେଇଥାଏ। ଏହା ନୀତିନିୟମର କ୍ରିୟାକାଣ୍ଡ ସହିତ ଜଡ଼ିତ ହୋଇଥାଏ। ଅନ୍ୟତ୍ର ବିପଥନ ହେଉଛି ସାହିତ୍ୟକୃତିର ଢାଞ୍ଚା ବା ସିଦ୍ଧାନ୍ତ ବା literary pattern or theory ସହିତ ଜଡ଼ିତ ହୋଇଥାଏ ।

ବିପଥନର କ୍ଷେତ୍ର ଅତ୍ୟନ୍ତ ବ୍ୟାପକ। ଏହା ନାଟକ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବିତା ପ୍ରଭୃତିରେ ପରିଲକ୍ଷିତ ହୋଇଥାଏ। ଶୈଳୀ ବିଶ୍ଳେଷଣ କ୍ଷେତ୍ର ବ୍ୟତୀତ ଏହା ବିଭିନ୍ନ ବାଦ ଏବଂ ତତ୍ତ୍ୱରେ ମଧ୍ୟ ପ୍ରଭାବ ବିସ୍ତାର କରିଥିବାର ଦେଖାଯାଏ। ପାଶ୍ଚାତ୍ୟ ସମାଲୋଚକ ଲୀଚ୍, ବାନ୍ ପିଅର ଏବଂ କେ.ଟି. ବେଲ୍ସ ଏବଂ ହିନ୍ଦୀ ଭାଷାସାହିତ୍ୟର ସମାଲୋଚକ ତଥା ସର୍ବଭାରତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିଥିବା ପ୍ରଖ୍ୟାତ ଶୈଳୀବିଜ୍ଞାନୀ ପାଣ୍ଡେୟ ଶଶିଭୂଷଣ ଶୀତାଂଶୁ କହନ୍ତି – "ମେରି ଦୃଷ୍ଟି ମେ 'ବିଚଲନ' ବ୍ୟାକରଣିକ ମାନକ ସେ ହୋତା ହୈ। ବ୍ୟାକରଣିକ ମାନକ ନିୟମ-ନିର୍ଭର (Rules-based) ହୋତେ ହୈ। ପର 'ବିପଥନ' ମେଁ ବ୍ୟାକରଣ କେ ନିୟମୌ କେ ମାନକ ସେ ନହୀ, ବକ୍ଲି-ସାହିତ୍ୟ କେ ଢାଁଚୋ, ସିଦ୍ଧାଂତୋଂକେ ମାନକ ସେ ଅତିକ୍ରମଣ ହୋତା ହୈ। ଚାହେ ପାଠ କା ମାନକ ହୋ ୟା ସାହିତ୍ୟକାର କା ଅପନା ମାନକ ୟା ସାହିତ୍ୟ-ବିଧା କା ମାନକ ହୋ, ୟା ସାହିତ୍ୟ କେ ସମାଜ କା ସାଂସ୍କୃତିକ ସୌନ୍ଦର୍ଯ୍ୟାତ୍ମକ ମାନକ ଅଥବା ସାହିତ୍ୟ କି ପରମ୍ପରିତ ବିଷୟବସ୍ତୁ କା ମାନକ ଇନମେ ସେ କୋଇ ଭି ବ୍ୟାକରଣିକ ନିୟମୋ ପର ଆଧାରିତ ମାନକ ନହୀଂ ହୈ। ୟେ ଢାଁଚୋ ୟା ସିଦ୍ଧାନ୍ତୋଂ କେ ମାନକ ହୀ ହୈ। ଐସେ ମେ ଜ୍ଞାତବ୍ୟ ତଥ୍ୟ ୟହ ହେ କି 'ବିଚଲନ' ଜହାଁ ସଦୈବ ନିୟମୋଂ ସେ (Rules) ହୋତେ ହୈ, ବହା 'ବିପଥନ' ସଦୈବ ସିଦ୍ଧାଂତୋଁ(Theories)ୟା ଢାଂଚୋଁ (Patterns) ସେ ହୋତା ହୈ। (ଶୈଲୀ ଔର୍ ଶୈଲୀ ବିଶ୍ଳେଷଣ, ବାଣୀ ପ୍ରକାଶନ, ଦିଲ୍ଲୀ, ପ୍ରଥମ ସଂସ୍କରଣ – ୧୯୯୬, ପୃ-୨୨୦) ।"

ଏହା ମଧ୍ୟ ଧ୍ୱନିସ୍ତରୀୟ ବିପଥନ, ଶବ୍ଦସ୍ତରୀୟ ବିପଥନ, ଅର୍ଥସ୍ତରୀୟ ବିପଥନ, ବାକ୍ୟସ୍ତରୀୟ ବିପଥନ ପ୍ରଭୃତି ରୂପରେ ଶୈଳୀ ବିଶ୍ଳେଷଣ କ୍ଷେତ୍ରରେ ପ୍ରଯୁକ୍ତ ହୋଇଥାଏ ।

୩. ସମାନ୍ତରତା- ଧ୍ୱନି, ଶବ୍ଦ, ରୂପ, ବାକ୍ୟ ପ୍ରଭୃତି ସଂଯୋଜନା କ୍ଷେତ୍ରରେ ପୌନଃପୁନିକତା ସୃଷ୍ଟି ହେଲେ ସମାନ୍ତରତା (Parallelism) ଉତ୍ପନ୍ନ ହୁଏ। ଏହାକୁ ଓଡ଼ିଆ ଶୈଳୀବିଜ୍ଞାନୀମାନେ 'ସମାନ୍ତରଳତା' ( ମଧୁସୂଦନ ପତି ଏବଂ ଅଶୋକ କୁମାର ମହାପାତ୍ର), ହିନ୍ଦୀ ଶୈଳୀବିଜ୍ଞାନୀମାନେ 'ସମାନ୍ତରତା' ଏବଂ ପାଶ୍ଚାତ୍ୟ ଶୈଳୀବିଜ୍ଞାନୀମାନେ 'Parallelism' କହିଛନ୍ତି ।

ସର୍ବପ୍ରଥମେ Roman Jakobson ପ୍ରମୁଖ ସମାଲୋଚକ ପାଶ୍ଚାତ୍ୟ କାବ୍ୟଭାଷାର ପ୍ରସଙ୍ଗରେ ଏହି ଶବ୍ଦର ପ୍ରୟୋଗ କରିଥିଲେ। ସମାନ୍ତରତା ଯୋଗୁଁ ରଚନାରେ ତାଳମେଳ ରକ୍ଷା ହୋଇ ଏକ ନିଶ୍ଚିତ ପ୍ରକାରର ଲୟ ସୃଷ୍ଟି ହୋଇଥାଏ। Roman Jakobsonଙ୍କ ମତରେ କବିତାରେ ଭାଷା କେବଳ ଅର୍ଥଗତ, ଧ୍ୱନିଗତ ଓ ବାକ୍ୟସ୍ତରୀୟ ବ୍ୟବସ୍ଥାମାନଙ୍କର ବିଚ୍ୟୁତି ଉପରେ ପର୍ଯ୍ୟବସିତ ହୋଇନଥାଏ। ବରଂ ଏସବୁ ଉପାଦାନମାନଙ୍କର ପୌନଃପୁନିକତା (Recurrence) ଓ ସଂଯୋଜନାଧର୍ମୀ ପାରସ୍ପରିକ ସମ୍ପର୍କ (Combinatory relationship) ଦ୍ୱାରା ସୃଷ୍ଟି ହୋଇ ଏକ ଅର୍ଥବୋଧକ ପ୍ରସଙ୍ଗ ମଧ୍ୟରେ କ୍ରିୟାଶୀଳ ହୋଇଥାଏ ଏବଂ ତାଙ୍କର ସୁପ୍ରସିଦ୍ଧ ସିଦ୍ଧାନ୍ତ "The poetic function projects the principle of equivalence from the axis of selection to the axis of combinations." (Linguistics and Poetics (Language and Literature) Massachussettes Harvard University Press, 1987, p.- 71)। କାବ୍ୟିକ ଭାଷାରେ ମୌଳିକତା ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ କବିର ଶୈଳୀକୁ ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ଦେଇଥାଏ। Roman Jakobsonଙ୍କ ଉପରୋକ୍ତ ଉକ୍ତିର ଅର୍ଥ ଏହା ଯେ, କବି ସାହିତ୍ୟ ରଚନା କଲା ସମୟରେ କେଉଁ ପ୍ରକାରର ଆଭିଧାନିକ, ବ୍ୟାକରଣଗତ ଓ ଧ୍ୱନିମୂଳକ ଉପାଦାନ ପ୍ରୟୋଗ କରିବ ସେହି କବି ନିଜେ ନିର୍ଣ୍ଣୟ କରିଥାଏ। ସାଧାରଣତଃ ବିଭିନ୍ନ ଶ୍ରେଣୀର ଉପାଦାନ ମଧ୍ୟରୁ କବି କେତେକ ଉପାଦାନକୁ ବାଛିନିଏ, ଯାହା ବାକ୍ୟ ମଧ୍ୟରେ ସମାନ୍ତରତା ସୃଷ୍ଟି କରି ଅର୍ଥଗତ ସମ୍ପର୍କ ରକ୍ଷା କରିଥାଏ। ଏହି ସମାନ୍ତରତା କ୍ଷେତ୍ର ବିଶେଷରେ ସାମଞ୍ଜସ୍ୟମୂଳକ ଓ ବିରୋଧମୂଳକ ହୋଇଥିବାର ମଧ୍ୟ ଲକ୍ଷ୍ୟ କରାଯାଏ ।

"Parallelism' ଶବ୍ଦର ପ୍ରଥମ ପ୍ରୟୋଗ ବାଇବେଲ୍‌ରେ ହୋଇଥିଲା। ବାଇବେଲ୍‌ରେ ଥିବା 'Couplets' ସଂଘଟନାର ପ୍ରସଙ୍ଗରେ ଏହି ଶବ୍ଦ ପ୍ରଥମ ଥର | Roman Jakobson ତଥା Schopenhawer ଏବଂ S.R Lebin ଯଥାକ୍ରମେ 'Coupling' ଏବଂ Symmetry - Asymmetry ରୂପରେ ସମାନ୍ତରତାକୁ ଗ୍ରହଣ କରିଛନ୍ତି ।

ସମାନ୍ତରତାର ପ୍ରୟୋଗ ଓ ବ୍ୟବହାର ପଦ୍ୟ ସାହିତ୍ୟରେ ସର୍ବାଧିକ ମାତ୍ରାରେ ଦେଖାଯାଏ। କବିତାରେ ସମାନ ଅକ୍ଷର (Syllable) ସହ ସମାନ ଅକ୍ଷର, ସମାନ ଶବ୍ଦରୂପ ସହିତ ସମାନ ଶବ୍ଦରୂପ, ସମାନ ବଳାଘାତହୀନତା ସହିତ ସମାନ ବଳାଘାତହୀନତା, ସମାନ ଛନ୍ଦଦୀର୍ଘତା ସହିତ ସମାନ ଛନ୍ଦଦୀର୍ଘତା, ସମାନ ଛନ୍ଦଲଘୁତା ସହିତ ସମାନ ଛନ୍ଦଲଘୁତା, ସମାନବାକ୍ୟ ବା ଯତି କିମ୍ବା ଯତିହୀନତା ସହିତ ସମାନବାକ୍ୟ ବା ଯତି କିମ୍ବା ଯତିହୀନତା ପୌନଃପୁନିକତା ରକ୍ଷାକରି ଅଭିବ୍ୟକ୍ତ ହେଲେ ସମାନ୍ତରତା ଉତ୍ପନ୍ନ ହୁଏ। ଏଥିରେ ସମରୂପତା ରହିଥାଏ। ଧ୍ୱନନ ହେଉ କି ପ୍ରକାଶନ ହେଉ, ସମରୂପତା ବିନା ସମାନ୍ତରତା ସୃଷ୍ଟି ହୋଇପାରିବ ନାହିଁ। ଧ୍ୱନି,

ଶବ୍ଦ, ରୂପ, ବାକ୍ୟ, କଥନିକା ପ୍ରଭୃତି ସ୍ତରରେ ଏକ ବା ଏକାଧିକ ଭାଷିକ ଏକକ ସହିତ ଏକ ବା ଏକାଧିକ ଭାଷିକ ଏକକର ସମରୂପତା ପ୍ରକଟିତ ହେଲେ ସମାନ୍ତରତାର ଆବିର୍ଭାବ ଘଟେ। ସଂକ୍ଷିପ୍ତରେ କହିବାକୁ ଗଲେ, କାବ୍ୟାତ୍ମକ ଅଭିବ୍ୟକ୍ତି ତତ୍ତ୍ୱ, ସମଧର୍ମୀ ସଂରଚନା (Homologous-construction) ଅନୁସାରେ ଆବର୍ତ୍ତିତ ହୋଇଥାଏ। ଏହି ଆବର୍ତ୍ତନରେ ଥିବା ଅନ୍ତର୍ନିହିତ ସିଦ୍ଧାନ୍ତ ହିଁ ସମାନ୍ତରତା (Parallelism), ଯାହାକି ପ୍ରତିସମତା (Symmetry)ର ବ୍ୟାପକ ଗାଣିତିକ ତଥା ସୌନ୍ଦର୍ଯ୍ୟାତ୍ମକ ପ୍ରକରଣର ତାତ୍କାଳିକତା (Instantalation) ଭାବେ ପରିଗଣିତ ହୋଇଥାଏ। ସମାନ୍ତରତାକୁ ଶୈଳୀବିଜ୍ଞାନୀମାନେ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରିଛନ୍ତି। ଯଥା – (୧) ସମତାମୂଳକ ସମାନ୍ତରତା ଏବଂ (୨) ବିରୋଧମୂଳକ ସମାନ୍ତରତା। ସମାନ ଭାଷୀ ଏକକଗୁଡ଼ିକ ମଧ୍ୟରେ ସଂରଚନାତ୍ମକତା ଦୃଷ୍ଟିରୁ ସମାନତା ବା ସମତା ରକ୍ଷା ହେଲେ ସମତାମୂଳକ ସମାନ୍ତରତା ଉତ୍ପନ୍ନ ହୁଏ। ବିରୋଧମୂଳକ ଭାଷିକ ଏକକଗୁଡ଼ିକ ମଧ୍ୟରେ ସଂରଚନାତ୍ମକତା ଦୃଷ୍ଟିରୁ ସମାନତା ବା ସମତା ରକ୍ଷା ହେଲେ ବିରୋଧମୂଳକ ସମାନ୍ତରତା ଉତ୍ପନ୍ନ ହୁଏ ।

ସମାନ୍ତରତାର ମଧ୍ୟ ବିଭିନ୍ନ ସ୍ତର ରହିଛି। ଯେପରିକି ଧ୍ୱନିସ୍ତରୀୟ ସମାନ୍ତରତା, ରୂପସ୍ତରୀୟ ସମାନ୍ତରତା, ଲିପିସ୍ତରୀୟ ସମାନ୍ତରତା, କଥନିକାସ୍ତରୀୟ ସମାନ୍ତରତା ଇତ୍ୟାଦି।

୪. ବିରଳତା- ବ୍ୟାକରଣ ମାନଙ୍କରେ ଉଲଂଘନ ସଂଘଟିତ ହେଲେ, 'ବିଚ୍ୟୁତି' ସୃଷ୍ଟି ହୁଏ। ସାହିତ୍ୟରେ ସାମାଜିକ ସାଂସ୍କୃତିକ ସୌନ୍ଦର୍ଯ୍ୟାତ୍ମକ ମାନକରେ ଉଲଂଘନ ସୃଷ୍ଟି ହେଲେ 'ବିପଥନ' ସୃଷ୍ଟି ହୁଏ। ସମରୂପା, ସମଧର୍ମା ବା ସମଅର୍ଥ ବିଶିଷ୍ଟ ଭାଷିକ ଏକକଗୁଡ଼ିକ ବାରମ୍ବାର ଆବର୍ତ୍ତିତ ହେଲେ 'ସମାନ୍ତରତା' ସୃଷ୍ଟି ହୁଏ। କିନ୍ତୁ ବିରଳତା ଗୋଟିଏ ସଂଖ୍ୟାରେ ହିଁ ସୀମିତ ରହି ରଚନାରେ ସମ୍ମୁଖୀକୃତ (foregrounded) ହୋଇ ଉଠିଥାଏ। ଲେଖକ ନିଜ ରଚନାରେ ଧ୍ୱନି, ଶବ୍ଦ, ବାକ୍ୟ, ବାକ୍ୟାଂଶ କିମ୍ବା କଥନିକା ସ୍ତରରେ କେବଳ ଥରେ ମାତ୍ର ଏମିତି ଏକ ଭାଷିକ ଦୃଷ୍ଟାନ୍ତ ସୃଷ୍ଟି କରିଥାନ୍ତି, ଯାହା ସମଗ୍ର ରଚନା ମଧ୍ୟରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଥାଏ। ସମଗ୍ର ରଚନାଟିକୁ ପାଠ କରିସାରିବା ପରେ ପାଠକ ହୃଦୟରେ ସେହି କେବଳ ଥରେ ମାତ୍ର ବ୍ୟବହୃତ ହୋଇଥିବା ଭାଷିକ ଏକକଟି ଲାଖିହୋଇ ରହିଯାଏ। ବିଭିନ୍ନ ସମୟରେ ରଚନାଟିର ସେଇ ବିରଳ ଅଂଶଟିକୁ ସ୍ମରଣ କରି ପାଠକ ଶିହରିତ ହୋଇଉଠେ। ସେ ଅଂଶଟି ପାଠକର ମରମକୁ ଭେଦ କରିଯାଏ। ପାଠକର ମରମକୁ ଭେଦ କରି ଯାଉଥିବା ରଚନାର ଏହି ଏକକ ହିଁ ବିରଳତା। ଏହାକୁ ଇଂରାଜୀରେ 'Rarity' କହନ୍ତି I'Rarity' ର ଆଭିଧାନକ ଅର୍ଥ ହେଲା 'A thing that is unusual and is therefore often valuable or interesting.' ବିରଳତା ହେଉଛି ଏକ ଅସାଧାରଣ ଭାଷିକ-ଉପାଦାନ। ଅଧିକାଂଶ ସମୟରେ ଏହା ରଚନାକୁ ଅଧିକ ଅର୍ଥଦ୍ୟୋତକ ବା ଆକର୍ଷଣୀୟ କରାଇବାରେ ସହାୟକ ହୋଇଥାଏ।

ଶୈଳୀ ବିଶ୍ଳେଷଣ କ୍ଷେତ୍ରରେ ବିରଳତା ଏକ ବିରଳ ଉପାଦାନ ହୋଇଥିବାରୁ ଏହା କ୍ୱଚିତ୍ କେତେକ ଉଚ୍ଚକୋଟୀର ସ୍ରଷ୍ଟାଙ୍କ ରଚନାରେ ଲକ୍ଷ୍ୟ କରାଯାଏ। ଏହାର ମଧ୍ୟ ଅନ୍ୟ ତିନୋଟି ଉପାଦାନ ଭଳି ବିଭିନ୍ନ ସ୍ତରର ରହିଛି।

ଶୈଳୀ ଏବଂ ଶୈଳୀତତ୍ତ୍ୱକୁ ନେଇ ଅନେକ ସମସ୍ୟା ଦେଖାଦେଇଥିଲେ ମଧ୍ୟ ଆଧୁନିକ କାଳରେ ବିଶେଷ ଭାବରେ ଭାଷିକଶୈଳୀକୁ ହିଁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହା ଆଧୁନିକ ଭାଷାବିଜ୍ଞାନ ସହ ଓତପ୍ରୋତ ଭାବରେ ସଂପର୍କିତ ଏବଂ ସ୍ୱକୀୟ ବିଶେଷତ୍ୱକୁ ନେଇ ସମ୍ପ୍ରତି ମହିମାନ୍ୱିତ।

ସହାୟକ ଗ୍ରନ୍ଥତାଳିକା:

୧. Malpas, Simon: The Post Modernism, Routledge, 2005.

୨. Hart Kelvin, Post Modernism, One word, Oxford, 2006.

୩. Nayar, Pramod K: Contemporary Literary and Cultrual Theory, Pearson 2010

୪. ଦାସ, ରବୀନ୍ଦ୍ର କୁମାର। ୨୦୦୮। ଶୈଳୀ ବିଜ୍ଞାନର ଆଲୋକରେ ଫକୀରମୋହନଙ୍କ ଉପନ୍ୟାସ, ବାଲେଶ୍ୱର: ମୀରାମ୍ବିକୀ ପ୍ରକାଶିନୀ।

●